## ସଂକ୍ଷେପରେ

### କାର ଛାଡ଼ି ଦୁର୍ବୃତ୍ତ ପଳାଇବା ଘଟଣା
## ଫେରାର ଅଭିଯୁକ୍ତ ଗିରଫ

ଦାରିଙ୍ଗବାଡ଼ି,୮ା୮(ଡି.ଏନ.ଏ)- ଦାରିଙ୍ଗବାଡ଼ି ପୋଲିସ ଜଣେ ଫେରାର ଅଭିଯୁକ୍ତକୁ ବାଲିଗୁଡ଼ା ଅଞ୍ଚଳରୁ ଗିରଫ କରିଛି। ସେହେଲେ ବିନୁ ନାୟକ। ଏକ ଗଞ୍ଜେଇ ଚୋରାଚାଲଣ ମାମଲାରେ ବିନୁ ଜଡ଼ିତ ଥିବା ଦାରିଙ୍ଗବାଡ଼ି ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି। ତାଙ୍କ ନାମରେ ଦାରିଙ୍ଗବାଡ଼ି ଥାନାରେ ନଂ.୬୭/୧୯ରେ ମାମଲା ରହିଛି। ପ୍ରକାଶ ଯେ, ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଜୁଲାଇ୧ରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ କାର (ନଂ. ଓଆର-୦୨-ଏସି-୯୩୬୬)କୁ ଘଟଣା ସ୍ଥଳରେ ଛାଡ଼ି ଚାଳକ ସମେତ ଅନ୍ୟମାନେ ଦୌଡ଼ି ପଳାଇଥିଲେ। ଦାରିଙ୍ଗବାଡ଼ି ବିଡିଓ ତ୍ରିଲୋଚନ ପାତ୍ରଙ୍କ ଉପସ୍ଥିତିରେ ପୋଲିସ କାର ତଲାସିବେଳେ ଡିକିରୁ ୨୫ କେଜି ୨ଶହ ଗ୍ରାମ ଗଞ୍ଜେଇ ଭର୍ତ୍ତି ବ୍ୟାଗ ଉଦ୍ଧାର କରାଯାଇଥିଲା। ଘଟଣାର ୩୬ଦିନ ପରେ ବାଲିଗୁଡ଼ା ପୋଲିସ ସହାୟତାରେ ବିନୁଙ୍କୁ ଗିରଫ କରାଯାଇଛି।

## କୃମି ନାଶକ ଔଷଧ ବଣ୍ଟନ

ଶେରଗଡ଼,୮ା୮(ଡି.ଏନ୍.ଏ.)- ଶେରଗଡ଼ ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ଗୁରୁବାର କୃମି ନାଶକ ଔଷଧ ବଣ୍ଟନର ଶୁଭାରମ୍ଭ କରାଯାଇଛି। ଶେରଗଡ଼ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ସାନୁ ଦେବୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଔଷଧ ଖୁଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ବିପିଓ ଦିଲ୍ଲୀପ ବେହେରା, ଡ଼.କେଶବ ବେହେରା, ସାନିଟାରୀ ଅନୁନିରୀକ୍ଷକ ପ୍ରକାଶ ସାହୁ ଯୋଗଦେଇ ବାହାରେ ମଳତ୍ୟାଗ ନକରିବା, ଖାଇବା ପୂର୍ବରୁ ହାତ ଧୋଇବା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଥିଲା। ୨୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ କୃମି ନାଶକ ବଟିକା ବଣ୍ଟନ କରା ଯାଇଥିଲା।

## ସୁଷମାଙ୍କ ବିୟୋଗରେ ଶୋକସଭା

ହିଞ୍ଜିଳିକାଟୁ,୮ା୮(ଡ଼ି.ଏନ୍.ଏ)- ଭାଜପା ନେତ୍ରୀ ତଥା ପୂର୍ବତନ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ବିୟୋଗରେ ବୁଧବାର ସନ୍ଧ୍ୟାରେ ତ୍ରିରଙ୍ଗା ଯୁବକ ସଂଘ ଓ ଡ଼ିସକଭରୀ ହିଞ୍ଜିଳିକାଟୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବୃନ୍ଦାବନ ମିନି ଷ୍ଟାଡ଼ିୟମ ପରିସରରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ରଞ୍ଜନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି ସଭାରେ ଦିବଙ୍ଗତ ନେତ୍ରୀଙ୍କ ଉଦ୍ଦେଶ୍ୟରେ ଦୀପଦାନ ସହ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ଭାଜପା ନେତା ଦେବାନନ୍ଦ ମହାପାତ୍ର, ପ୍ରଭୂଦତ୍ତ ପାତ୍ର, ଆକାଶ ପଟ୍ଟନାୟକ, କାହ୍ନୁ ପଣ୍ଡା, ବିଶ୍ୱନାଥ ପୃଷ୍ଟି, ସରୋଜ ପାତ୍ର, ପ୍ରଭାତ ମହାରଣା ପ୍ରମୁଖଙ୍କ ସହ ବହୁ ଯୁବକ ଯୋଗ ଦେଇଥିଲେ।

# ଗଳୁଛି ପାଣି, ଛତାଧରି ପଢ଼ିଲେ ଛାତ୍ରୀଛାତ୍ର

## ତିଳକପଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ଫୁଲବାଣୀ ଅଫିସ, ୮ା୮

କନ୍ଧମାଳ ଜିଲା କ. ନୂଆଗାଁ ବ୍ଲକ ସାଇନପଡ଼ା ପଞ୍ଚାୟତର ତିଳକପଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ଅସୁରକ୍ଷିତ। ସାମାନ୍ୟ ବର୍ଷା ହେଲେ ଶ୍ରେଣୀ ଗୃହରେ ପାଣି ଗଳୁଛି। ପିଲାମାନେ ପଢ଼ିବାକୁ ହଇରାଣ ହେଉଛନ୍ତି। ପ୍ରାୟ ୬ ବର୍ଷ ପୂର୍ବେ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ପ୍ରାୟ ୫୦ ଲକ୍ଷ ଟଙ୍କାର ଟେଣ୍ଡର ହୋଇଥିଲା। ହେଲେ କିଛି କାରଣ ଯୋଗୁ କାମ ହୋଇ ପାରିଲା ନାହିଁ। ଏବେ ସେତିକି ଟଙ୍କାରେ ସ୍କୁଲ ଗୃହ ନିର୍ମାଣ ସମ୍ଭବପର ନୁହେଁ ବୋଲି କାମ ନେଇଥିବା ଠିକାଦାର ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କହୁଛନ୍ତି। ଫଳରେ ଛାତ୍ରୀଛାତ୍ରମାନେ ବର୍ଷାରେ ଓଦା ହୋଇ ପଢ଼ିବାକୁ ବାଧ୍ୟ ହେଉଛନ୍ତି। ପାନୀୟଜଳ ସମସ୍ୟା ରହିଥିବାବେଳେ ନୂତନ ଭାବେ ନିର୍ମିତ ରୋଷେଇ ଘର ଛାତରୁ ପାଣି ଗଳୁଛି। ଫଳରେ ଅନ୍ୟ ଏକ ସ୍ଥାନରେ ରୋଷେଇ କରାଯାଉଛି।

ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ୧୦ମ ପର୍ଯ୍ୟନ୍ତ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢ଼ୁଛନ୍ତି। ପ୍ରଥମରୁ ୮ମ ପର୍ଯ୍ୟନ୍ତ ୬ଜଣ ଓ ୯ମରୁ ୧୦ମ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ୪ଜଣ ଶିକ୍ଷକ ପାଠ ପଢ଼ାଉଛନ୍ତି। ୬ଟି ଶ୍ରେଣୀ ଗୃହରେ ସମସ୍ତ ପିଲା ପାଠ ପଢ଼ୁଛନ୍ତି। ବର୍ଷା ଆସିଲେ ଛାତ୍ରୀଛାତ୍ରଙ୍କ ସମସ୍ୟା ବଢ଼ିଯାଉଛି କିପରି ପାଠ ପଢିବେ। ହେଲେ ଉପାୟ ନ ପାଇ ସେଭଳି ଅବସ୍ଥାରେ ପଢ଼ିବାକୁ ବାଧ୍ୟ ହେଉଛନ୍ତି। ଏବେ ୬ଟି ଶ୍ରେଣୀ ଗୃହରୁ ୪ଟିରେ ଛାତରୁ ବର୍ଷା ପାଣି ଗଳୁଛି। ଶ୍ରେଣୀ ଗୃହରେ ପିଲାମାନେ ଛତା ଧରି ବସୁ ଥିବାବେଳେ ଶିକ୍ଷକ ବି ଛତା ଧରି ପଢ଼ାଉଛନ୍ତି। ବିଦ୍ୟାଳୟରେ ଗୋଟିଏ ମାତ୍ର ନଳକୂପ ରହିଛି। ହେଲେ ସେଥିରୁ ନାଲି ପାଣି ବାହାରୁଛି। ଯାହା ପିଇବାତ ଦୂରର କଥା ରୋଷେଇ ଯୋଗ୍ୟ ନୁହେଁ। କିଛି ଉପାୟ ନ ଥିବାରୁ ପିଲାମାନେ ବାଧ୍ୟ ହୋଇ ଏହି ପାଣି ପିଉଛନ୍ତି। ପରିମଳ ଅବସ୍ଥା ବି ସେହିପରି। ଗୋଟିଏ ପାଇଖାନାକୁ ସମସ୍ତେ ବ୍ୟବହାର କରୁଛନ୍ତି। ଅନ୍ୟପକ୍ଷରେ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଏକ ରୋଷେଇ ଘର ନିର୍ମାଣ ହୋଇଛି, କିନ୍ତୁ ନିମ୍ନମାନର କାମ ଯୋଗୁ ଛାତରୁ ପାଣି ଗଳୁଛି। ଘର ଭୁଶୁଡିବା ସ୍ଥିତିରେ ଥିବାରୁ ଏହାକୁ ତାଲା ପକାଇ ରଖାଯାଇଛି। ବାହାରେ ଏକ ଭଙ୍ଗା ଆଜବେଷ୍ଟସ୍ ତଳେ ରୋଷେଇ ହେଉଛି। ଏ ନେଇ ବାଲିଗୁଡ଼ା ବିଇଓ ପ୍ରମୋଦ କୁମାର ମଲିକ କୁହନ୍ତି, ଆମେ ଏ ବିଷୟରେ ଡ଼ିପିସିଙ୍କୁ ଜଣାଇଛୁ। ଡ଼ିପିସି ଦାୟିତ୍ୱରେ ଥିବା ଜିଲା ଶିକ୍ଷାଧିକାରୀ ବିକାଶ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ଆମେ କିଛି କାମ କରି ପାରିବୁ ନାହିଁ। ପଞ୍ଚାୟତ ନିର୍ମାଣ କାମ କରିବ ବୋଲି କହିଛନ୍ତି। ହେଲେ ପୂର୍ବରୁ ଟେଣ୍ଡର ହୋଇଥିବା ସମ୍ପର୍କରେ ଅଧିକ ତଥ୍ୟ ହସ୍ତଗତ ହୋଇପାରି ନାହିଁ।


ଛତା ଧରି ଶ୍ରେଣୀ ଗୃହରେ ଛାତ୍ରୀଛାତ୍ର ପଢୁଛନ୍ତି।

# ଦରମା ବିଳମ୍ବକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ

## ବିଇଓ ଏବଂ ସବ୍‌ଟ୍ରେଜେରି କାର୍ଯ୍ୟାଳୟ ମଧ୍ୟରେ ତାଳମେଳ ନାହିଁ

ଦାରିଙ୍ଗବାଡ଼ି,୮ା୮(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ବିଭିନ୍ନ ବର୍ଗର ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କ ଦରମା ମିଳୁନଥିବାରୁ ଅସନ୍ତୋଷ ଦେଖାଯାଇଛି। ବିଇଓ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ ୩୨୪ ଜେଡିପି ଶିକ୍ଷକଙ୍କ ସମେତ ୧୫୬ ପ୍ରାଥମିକ ଶିକ୍ଷକ, ୪୪ ମଧ୍ୟ ଇଂରାଜି ଏବଂ ଜୁଲାଇରେ ରେଗୁଲାର ହୋଇଥିବା ୨୫ ଶିକ୍ଷକଙ୍କ ସମେତ ଅନ୍ୟ ବର୍ଗରେ ୪ଶହରୁ ଊର୍ଦ୍ଧ୍ୱ ଶିକ୍ଷକ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୫୪୯ଜଣଙ୍କ ଦରମା ସବ୍ ଟ୍ରେଜେରୀରୁ ବିଲ୍ ପାସ୍ କରାଯାଇ ମଞ୍ଜୁର କରାଯାଉଛି। ତେବେ ଅଦ୍ୟାବଧି ଦରମା ମିଳିନାହିଁ। ବିଇଓ ବ୍ରହ୍ମାନନ୍ଦ ରାଉତ କହିଛନ୍ତି, ତାଙ୍କ ନିକଟରେ ୬ କୋଟି ୯୦ ଲକ୍ଷ ଟଙ୍କା ରହିଛି ଦରମା ଦେବାକୁ, ଟେକ୍‌ନିକାଲ ସମସ୍ୟା ପାଇଁ ଏହା ଅଟକି ରହିଛି। ୧ରୁ ଡାଇରେକ୍ଟରଙ୍କ କାର୍ଯ୍ୟାଳୟରୁ ସବ୍‌ଟ୍ରେଜରୀକୁ ଶିକ୍ଷକଙ୍କ ଦରମା ଆସିଥିବା ସେ କହିଛନ୍ତି। ୬ ତାରିଖରେ ବିଇଓଙ୍କ କାର୍ଯ୍ୟାଳୟରୁ ବିଲ୍ କରି ଟ୍ରେଜରିକୁ ପଠାଯାଇଥିବା କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଚିତ୍ତରଞ୍ଜନ ସିଂ କହିଛନ୍ତି। ଶୀଘ୍ର ଦରମା ମିଳିଯିବ ଏବଂ ବଳକା ୪ଶହରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର ଶିକ୍ଷକଙ୍କୁ ସର୍ବଶିକ୍ଷା ଅଭିଯାନର ଜିଲା କାର୍ଯ୍ୟାଳୟରୁ ଆର୍ଥିକ ଅନୁଦାନ ଆସିଲେ ଦରମା ମିଳିବ ବୋଲି ସେ କହିଛନ୍ତି। ଦରମା ବିଳମ୍ବକୁ ନେଇ ସଂଘ ବିଇଓ ରାଉତ ଦାୟୀ ବୋଲି କହିବା ସହ ଆର୍ଥିକ ଅନୁଦାନ ଡାଇରେକ୍ଟରଙ୍କ କାର୍ଯ୍ୟାଳୟରୁ ଆଣିବା ଦାୟିତ୍ୱ ବିଇଓଙ୍କର, ସେ ଅବହେଳା କରୁଥିବା କହିଛନ୍ତି। ତୁରନ୍ତ ଦରମା ନ ପାଇଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ବିଇଓ ରାଉତ କହିଛନ୍ତି ଯେ, ବରିଷ୍ଠ କିରାଣୀଙ୍କୁ ଭୁବନେଶ୍ୱର ପଠାଯାଇଛି, କେଉଁଠି ସମସ୍ୟା ରହିଛି ଜଣାପଡ଼ିବ। ସବ୍‌ଟ୍ରେଜରିର ଅଧିକାରୀ ରଜନୀକାନ୍ତ ଭୋଇ କହିଛନ୍ତି, ଆର୍ଥିକ ଅନୁଦାନ ଆସିନାହିଁ ଯାହା ଆସିଥିଲା ତାହା ଗତ ମଙ୍ଗଳବାର ଏବଂ ଶୁକ୍ରବାର କିଛି ବିଲ୍ ପାସ କରାଯାଇଛି। ସୂଚନାଯୋଗ୍ୟ, ସବ୍‌ଟ୍ରେଜରୀ ଓ ବିଇଓ କାର୍ଯ୍ୟାଳୟ ମତାମତରେ ତାଳମେଳ ରହୁନଥିବାରୁ ଏହି ସମସ୍ୟା ଦେଖାଦେଇଛି।

# ଶହୀଦ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ


ଶହୀଦ ଯବାନଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଉଛି।

ବାଲିଗୁଡା,୮ା୮(ଡି.ଏନ.ଏ.)

କନ୍ଧମାଳ ଜିଲା ବାଲିଗୁଡା ନୂଆସାହିରର ଜଣେ ବିଏସ୍‌ଏଫ୍ ଯବାନ ପଶ୍ଚିମବଙ୍ଗର ଶାନ୍ତିନଗର ବାଲାଂଦେଶ ବର୍ଡରରେ କର୍ତ୍ତବ୍ୟରତ ସମୟରେ ସହୀଦ ହୋଇଛନ୍ତି। ସେ ହେଲେ ନୂଆସାହିର ବିଜୟ କୁମାର ପାତ୍ରଙ୍କ ପୁଅ ଦୀନେଶ କୁମାର ପାତ୍ର। ଦିନେଶ ବିଏସ୍‌ଏଫ୍ ୧୪୬ନଂ ବାଟାଲିୟନରେ କାର୍ଯ୍ୟ କରୁଥିଲେ। ସୀମାରେ ଡ୍ୟୁଟିରେ ଥିବାବେଳେ ୩ଦିନ ତଳେ ବିଳମ୍ବିତ ରାତିରେ ସେ ସହୀଦ ହୋଇଥିଲେ। ଗୁରୁବାର ତାଙ୍କ ମରଶରୀର ବାଲିଗୁଡା ଅଣାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବାଲିଗୁଡା ସହରଠାରୁ ନୂଆସାହିକୁ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇଥିଲା। ନୂଆସାହି ଶ୍ମଶାନରେ ରାଷ୍ଟ୍ରୀୟ ସଲାମି ଜଣାଇବା ସହ ତୋପ ସଲାମି ଦିଆଯାଇଥିଲା। ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ଏସ୍‌ଡିପିଓ ବିନୀତ ଅଗ୍ରୱାଲଙ୍କ ବହୁ ସ୍ଥାନୀୟ ନେତା ଓ ଜନସାଧାରଣ ଶୋଭାଯାତ୍ରାରେ ଶ୍ମଶାନକୁ ଯାଇ ସହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପ୍ରଶାସନ ତରଫରୁ ସମସ୍ତ ସହଯୋଗ କରାଯିବ ବୋଲି ଉପଜିଲାପାଳ ଭାଉସାହେବ କହିଛନ୍ତି। ପ୍ରକାଶ ଯେ, ୨୦୦୭ରେ ଦିନେଶ ବିଏସ୍‌ଏଫ୍‌ରେ ଭର୍ତ୍ତି ହୋଇଥିଲେ। ୨ବର୍ଷ ତଳେ ତାଙ୍କର ବିବାହ ହୋଇଥିବାବେଳେ ବର୍ଷକର ଶିଶୁକନ୍ୟା ଥିବା ଜଣାପଡିଛି।

## ବିଦ୍ୟୁତ୍‌ସେବା ବ୍ୟାହତ

କୋଟଗଡ,୮ା୮(ଡି.ଏନ.ଏ.)

ଲଗାଣ ବର୍ଷା ଯୋଗୁ କୋଟଗଡ ବ୍ଲକରେ ୫ଦିନ ହେବ ବିଦ୍ୟୁତ ଓ ଫୋନ୍‌ସେବା ବ୍ୟାହତ ହୋଇଛି। ୧୫ ଗ୍ରାମପଞ୍ଚାୟତର ଲୋକେ ଅନ୍ଧାରରେ ରାତି ବିତାଇବା ସହ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ ଓ ଫୋନ ସେବା ନ ଥିବା ଯୋଗୁ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ କାର୍ଯ୍ୟ ବାଧାପ୍ରାପ୍ତ ହୋଇପଡ଼ିଛି। ମୋବାଇଲ ଫୋନରେ ଯୋଗାଯୋଗ ବି ସମ୍ଭବ ହୋଇପାରୁନି।

## ସିଆର୍‌ପିଏଫର ଜଳଶକ୍ତି ଅଭିଯାନ

ଫିରିଙ୍ଗିଆ, ୮ା୮

ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡାରେ ସିଆର୍‌ପିଏଫ ପକ୍ଷରୁ ଜଳଶକ୍ତି ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସିଆରପିଏଫ୍ ଯବାନ ମେଡିକାଲ ଛକ ପାଖରେ ଏକ ବୈଠକ କରି ସ୍ଥାନୀୟ ଲୋକ, ସ୍କୁଲ ପିଲାଙ୍କୁ ଜଳ ସଂରକ୍ଷଣ, ଜଳଶକ୍ତି ଉପରେ ବୁଝାଇଥିଲେ। ଏହି ଅବସରରେ ଯବାନମାନେ ପୋଖରୀ, ରାସ୍ତା ପାର୍ଶ୍ୱ ସଫା କରିଥିଲେ। ସିଆର୍‌ପିଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ହୟାତ ସିଂ ରଣା, ରଞ୍ଜିତ ସେଠୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସିଆରପିଏଫର ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ଫିରିଙ୍ଗିଆ,୮ା୮–

ଫିରିଙ୍ଗିଆ ଥାନା ସାଡିଙ୍ଗିଆ ପଞ୍ଚାୟତ ସୁନାରଦେଇ ଗ୍ରାମର ରଞ୍ଜିତା ବଗର୍ତ୍ତୀଙ୍କୁ ହତ୍ୟା କରିବା ଅଭିଯୋଗରେ ତାଙ୍କ ସ୍ୱାମୀ ସୁରେଶ କହଁରଙ୍କୁ ପୋଲିସ ଗିରଫ କରିଛି । ପ୍ରକାଶ ଯେ, ଗଣ୍ଡାପଡା ଗ୍ରାମର ତିନିବୁଢ଼ୁ ବଗର୍ତ୍ତୀଙ୍କ ଝିଅ ରଞ୍ଜିତା ୩ ବର୍ଷ ପୂର୍ବେ ସୁରେଶଙ୍କୁ ଭଲପାଇ ବିବାହ କରିଥିଲେ । ବିବାହର କିଛି ଦିନ ଭଲରେ କଟିବା ପରେ ଅଧିକ ଯୌତୁକ ଆଣିବା ଲାଗି ରଞ୍ଜିତାଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଉଥିଲେ। ଗତ ୫ ତାରିଖରେ ରଞ୍ଜିତା ବିଷ ଖାଇ ଦେଇଥିଲେ । ଶାଶୁଘର ଲୋକେ ତାଙ୍କୁ ଫିରିଙ୍ଗିଆ ଡାକ୍ତରଖାନା ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ଝିଅକୁ ଶାଶୁ ଘର ଲୋକେ ମାରି ଦେଇଥିବା ଥାନାରେ ରଞ୍ଜିତାଙ୍କ ବାପା ଅଭିଯୋଗ କରିଥିଲେ । ପୋଲିସ ନଂ.୬୫/୧୯ରେ ମାମଲା ରୁଜୁ କରି ସ୍ୱାମୀ ସୁରେଶଙ୍କୁ ଅଟକ ରଖିଥିଲା। ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଶ୍ୟାମସୁନ୍ଦର ରାଓ ସୂଚନା ଦେଇଛନ୍ତି।

## ବାଲିଗୁଡା–ଲଣ୍ଡାଗାଁ ରାସ୍ତା ଧୋଇଗଲା

ବାଲିଗୁଡ,୮ା୮(ଡି.ଏନ.ଏ.)–ବାଲିଗୁଡାରେ ଗତ ୩ଦିନ ଧରି ବର୍ଷା ଲାଗି ରହିଛି। ଫଳରେ ବାଲିଗୁଡା ପୂର୍ତ୍ତ ବିଭାଗ ଦ୍ୱାରା ପରିଚାଳିତ ବିବିକେସ ରୋଡର ବାଲିଗୁଡା ଠାରୁ ଲଣ୍ଡାଗାଁ–ମଧ୍ୟରେ ଆପ୍ରା ନାଳର ଆପ୍ରୋଚର କିଛି ଅଂଶ ଧୋଇ ଯାଇଥିବାବେଳେ ବାରଖମା, ସୁଡ୍ରା ପୋଖରୀବନ୍ଧ, ଖମନଖୋଲ ଓ ଲଣ୍ଡାଗାଁ ମଧ୍ୟରେ କିଛି ସ୍ଥାନରେ ରାସ୍ତା ଧୋଇଯାଇଥିଲା। ପରେ ବାଲିବସ୍ତା ପକାଇ ଯାତାୟାତ ବ୍ୟବସ୍ଥା କରାଯାଇଥିବା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ନିର୍ମଳ ଚନ୍ଦ୍ର ପଟ୍ଟନାୟକ କହିଛନ୍ତି। ସେହିପରି ବାଟାଗୁଡ଼ା ନିକଟରେ ଧୋଇଯାଇଥିବା ଜାତୀୟ ରାଜପଥ ମରାମତି କାର୍ଯ୍ୟ ସନ୍ଧ୍ୟା ସୁଦ୍ଧା ସରି ଗାଡି ଚଳାଚଳ ସ୍ୱାଭାବିକ ହୋଇଛି।

## ଗଞ୍ଜେଇ ଚାଲାଣ ଘଟଣା: ଫେରାର୍ ଅଭିଯୁକ୍ତ ଗିରଫ

ଫିରିଙ୍ଗିଆ, ୮ା୮

ଗଞ୍ଜେଇ ଚାଲାଣ ମାମଲାରେ ଫେରାର ଥିବା କଟିଙ୍ଗିଆ ପଞ୍ଚାୟତ ପାବେରି ଗ୍ରାମର ରିଣ୍ଟୁ କହଁର(୨୫)ଙ୍କୁ ଗୋଚ୍ଛାପଡା ପୋଲିସ ଗିରଫ କରିଛି। ଥାନାଧିକାରୀ ଚିତ୍ତରଞ୍ଜନ ବେହେରାଙ୍କ ସୂଚନା ଅନୁଯାୟୀ, ମାର୍ଚ୍ଚ ୨୩ରେ କାଟ୍ରଙ୍ଗିଆରେ ଚଢାଉ କରି ଏକ କାରରୁ ୪୨ କେଜି ଗଞ୍ଜେଇ ଜବତ ହୋଇଥିଲା। ଚାଳକ ଗାଡି ଛାଡି ଫେରାର ହୋଇଯାଇଥିଲେ । କାରରେ ଥିବା ୨ ନାବାଳକଙ୍କୁ ପୋଲିସ ଧରିବା ସହ ଅନ୍ୟ ଜଣଙ୍କୁ ଗିରଫ କରିଥିଲା।

**IN THE COURT OF THE JUDICIAL MAGISTRATE OF FIRST CLASS, ASKA**
**M.C. No.126 of 2018 (Under PWDV Act)**
Rina Kumari Sahu @ Panda & another ........ Petitioners
VS
Ganesh Panda & Others ....... Respondents

**(NOTICE U/O-5, Rule 20 C.P.C)**
To,
1. Ganesh Panda, aged about 44 years S/o Jayaram Panda Business by profession.
2. Jayaram Panda, 'aged about 83 years S/o late Madhab Panda, Cultivation by profession.
3. Kumudini Panda, aged about 70 years W/o Jayaram Panda Household duties by profession.
4. Bighneswar Panda, aged about 42 years S/o Jayaram Panda Business by profession.

Sl. No.1 to 4 are resident of Village- Solasola, Po- Dhabalapur, PS- Sheragada, Dist.- Ganjam.

You are hereby required to appear before this court in person or pleader on the 29th day of August, 2019 at 10.30 A.M. to answer all material questions relating to the above noted proceeding instituted against you by the petitioner. In default of your appearance on the day as mentioned above, the proceeding will be heard and determined in your absence. Give under my hand and seal of the court, this 30th day of July, 2019.

Sd./-
(Juddl. Magistrate of First Class, Aska)

# ବ୍ଲକସ୍ତରୀୟ ମତ୍ସ୍ୟଚାଷ ପ୍ରଶିକ୍ଷଣ ଶିବିର

ଫୁଲବାଣୀ ଅଫିସ, ୮ା୮


ପ୍ରଶିକ୍ଷଣ ନେଇଥିବା ଏସ୍‌ଏଚ୍‌ଜି ସଦସ୍ୟା।

ଫୁଲବାଣୀ ଜଳଛାୟା ପ୍ରକଳ୍ପ ସଭାଗୃହରେ ଏକ ଦୁଇ ଦିନିଆ ବ୍ଲକସ୍ତରୀୟ ମତ୍ସ୍ୟଚାଷ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ମତ୍ସ୍ୟ ଉପ ନିର୍ଦ୍ଦେଶକ ଶିବ ପ୍ରସାଦ ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଥମ ଦିନରେ ଜିଲା ସମାଜ ମଙ୍ଗଳ ଅଧିକାରୀ ମନସ୍ୱିନୀ ମିଶ୍ର, ମିଶନଶକ୍ତି ସଂଯୋଜିକା ସନ୍ଧ୍ୟାରାଣୀ ପଣ୍ଡା, ମିଶନଶକ୍ତି ପ୍ରକଳ୍ପ ସଂଯୋଜକ ସୁନୀଲ କୁମାର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମତ୍ସ୍ୟଚାଷ ଉପରେ ଉପସ୍ଥିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସୂଚନା ଦେଇଥିଲେ । ଦ୍ୱିତୀୟ ଦିବସରେ କ୍ଷେତ୍ର ପରିଦର୍ଶନ କାର୍ଯ୍ୟ ହୋଇଥିଲା। ମତ୍ସ୍ୟ ବିଭାଗ ଅଧିକାରୀଙ୍କ ସହ ଏସ୍‌ଏଚ୍‌ଜି ସଦସ୍ୟା ଭଞ୍ଜନଗରସ୍ଥିତ ମତ୍ସ୍ୟ ଯାଆଁଳ କେନ୍ଦ୍ରକୁ ଯାଇଥିଲେ । ସେଠାରେ ମାଛକୁ ଖାଦ୍ୟ ଦେବା ପ୍ରଣାଳୀ, ଯାଆଁଳ ଉତ୍ପାଦନ, ରଙ୍ଗୀନ ମାଛ ଚାଷ ପ୍ରଣାଳୀ ବିଷୟରେ ପଚାରି ବୁଝିଥିଲେ। ମାଛ ଚାଷ କରିବା ସମୟରେ ଆବଶ୍ୟକ ହେଉଥିବା ପୋଖରୀ ପାଣିର ମାନ ଯାଞ୍ଚ ପାଇଁ ଫିସାରୀ କିଟ୍ ସମସ୍ତ ମହିଳା ଗୋଷ୍ଠୀ ସଦସ୍ୟାଙ୍କୁ ଯୋଗାଇ ଦିଆଯାଇଥିଲା। ଫୁଲବାଣୀ ସହକାରୀ ମତ୍ସ୍ୟ ଅଧିକାରୀ ପ୍ରଫୁଲ୍ଲ କହଁର, ଖଜୁରିପଡାର ଜ୍ଞାନରଞ୍ଜନ ସେଠୀ, ବାଲିଗୁଡାର ସୁରଶେନ ମଲ୍ଲିକ, ଭଞ୍ଜନଗର ଫାର୍ମ ମ୍ୟାନେଜର ସରିଫ ଅହମ୍ମଦ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସ୍ୱାଗତିକା ସାହୁ ପ୍ରମୁଖ ଏଥିରେ ସାମିଲ ଥିଲେ। ଫୁଲବାଣୀ, ଖଜୁରିପଡା, ଚକାପାଦ, ବାଲିଗୁଡା, କ.ନୂଆଗାଁ ବ୍ଲକ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ଯୋଗଦେଇ ଏହି ପ୍ରଶିକ୍ଷଣ ନେଇଥିଲେ।

## ପ୍ରଧାନଶିକ୍ଷକ ସମ୍ମିଳନୀ, ସଚେତନତା ବୈଠକ

ଫିରିଙ୍ଗିଆ, ୮ା୮

କନ୍ଧମାଳ ଜିଲା ଫିରିଙ୍ଗିଆ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ପ୍ରଧାନ ଶିକ୍ଷକ ସମ୍ମିଳନୀ ସହ ଜାତୀୟ କୃମିନାଶକ ଦିବସ ଉପଲକ୍ଷେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ତହସିଲଦାର ପୁନମ୍ ରାଉତ ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ବୁଝି ଶିକ୍ଷାଦାନ କରିବା ଆବଶ୍ୟକ। ପିଲାମାନଙ୍କୁ ଦୋଷ ନ ଦେଇ ଶିକ୍ଷକମାନେ ପ୍ରତିବଦ୍ଧତାର ସହ କାର୍ଯ୍ୟ କଲେ ଶିକ୍ଷା ଏବଂ ଛାତ୍ରୀଛାତ୍ରଙ୍କର ଉନ୍ନତି ହୋଇପାରିବ ବୋଲି ତହସିଲଦାର ରାଉତ କହିଥିଲେ। ଏହି ଅବସରରେ ବ୍ଲକ ଶିକ୍ଷାଧିକାରୀ ବିନୋଦ କୁମାର ଦିଗାଲ ଜିଲାରେ ଚାଲିଥିବା ଉଜ୍ଜଳ, ଉତ୍ଥାନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ସେପ୍ଟେମ୍ବର ସୁଦ୍ଧା ବ୍ଲକର ସମସ୍ତ ସ୍କୁଲର ପିଲାମାନେ ଦ୍ୱିତୀୟରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଅକ୍ଷର, ମାତ୍ରା, ଫଳା ଓ ଯୁକ୍ତାକ୍ଷର ଯେପରି ଜାଣିବେ ସେଥିପାଇଁ ପ୍ରଧାନ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ସମସ୍ତ ବିଦ୍ୟାଳୟରେ ୬ରୁ ୧୯ ବର୍ଷ ପର୍ଯ୍ୟନ୍ତ ପିଲା ଯେପରି କୃମିନାଶକ ବଟିକା ଖାଇବେ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଥିଲା। ଏବିଇଓ ଗଣେଶ୍ୱର କହଁର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ପ୍ରତିନିଧି ସୀମାଞ୍ଚଳ ମୁଖୀ ଧନ୍ୟବାଦ ଦେଇଥିଲେ ।

### ▪ ବନ୍ୟାରେ ଭାସିଗଲେ ବାପ-ପୁଅ
# ପୁଅ ମୃତଦେହ ଉଦ୍ଧାର

କୋଟଗଡ,୮ା୮(ଡି.ଏନ.ଏ.)

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ବିଲାମାଳ ଗ୍ରାମପଞ୍ଚାୟତର ମୁଣ୍ଡିମାସ୍କା ଗ୍ରାମର ବାପା ଦୀନ ମାଝୀ (୪୮) ଓ ପୁଅ ପୁରେନ୍ଦ୍ର ମାଝୀ (୩୦) ମଙ୍ଗଳବାର ଜମିକୁ ଚାଷ କରିବାକୁ ଯାଇଥିଲେ। ଚାଷକାମ ସାରି ଫେରୁଥିବା ସମୟରେ ଗାଁପାଖ ନାଳ କଲଭର୍ଟରେ ବାପ, ପୁଅ ୨ଜଣ ହାତ ଧରାଧରି ହୋଇ ନାଳ ପାର ହେଉଥିବାବେଳେ ପାଣି ସୁଅରେ ଭାସି ଯାଇଥିଲେ। ଖବର ପାଇ ଗ୍ରାମବାସୀ ଖୋଜା ଖୋଜି ଆରମ୍ଭ କରିଥିଲେ। ସ୍ରୋତ ପ୍ରଖର ଥିବାରୁ ଉଦ୍ଧାର କାମ ସମ୍ଭବ ହୋଇନଥିଲା। ଗୁରୁବାର ସକାଳୁ ନାଳର ବହୁ ଦୂରରେ ଗାଁଲୋକେ ଏକ ମୃତଦେହ ଦେଖିବାକୁ ପାଇଥିଲେ। ଉଦ୍ଧାର ପରେ ତାହା ପୁଅ ପୁରେନ୍ଦ୍ରଙ୍କର ବୋଲି ଜଣାପଡିଥିଲା। ଖବର ଲେଖାହେବାସୁଦ୍ଧା ବାପା ଦୀନଙ୍କ ମୃତହେଦ ମିଳି ନ ଥିବା ଜଣାପଡିଛି।

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**WALK-IN-INTERVIEW** CAD-282

The Odisha Mining Corporation Ltd., a Gold Category State PSU having annual turnover of Rs.4052 Crore during FY 2018-19 intends to fill up the following posts through direct recruitment by the **Walk-in-Interview** mode/process.

| Sl. No | Name of the post | No. of vacant posts | Scale of Pay | Qualification | Age as on 31.07.2019 |
|---|---|---|---|---|---|
| 1 | Foreman (Min.) | 25 | Pay Level- 9 (Rs.35400-112400/-) | Diploma in Mining with Foreman Competency Certificate issued by DGMS. | Not below 18 years and above 32 years. |
| 2 | Mining Mate-III | 42 | Pay Level- 5 (Rs.21700-69100/-) (one extra increment at the time of entry) | HSC with Mining Mate Certificate of Competency issued by DGMS as per MMR, 1961 | Not below 18 years and above 32 years |
| 3 | Surveyor | 11 | Pay Level- 9 (Rs.35400-112400/-) | Diploma in Mines Survey from a AICTE recognized Institute with Survey Certificate of Competency in Mining Survey from DGMS. | Not below 18 years and above 32 years |

**DATE & PLACE OF WALK-IN-INTERVIEW**

| POST | DATE & TIME | VENUE OF INTERVIEW |
|---|---|---|
| Foreman(Min.) | 20.08.2019 at 8:00 AM<br>21.08.2019 at 8:00 AM | OMC Colony of Regional Office, OMC Ltd. At/Po-Barbil, Dist- Keonjhar |
| Surveyor | 21.08.2019 at 8:00 AM | |
| Mining Mate- III | 22.08.2019 at 8:00 AM | |

- Interested candidates fulfilling the eligibility criteria for respective posts may attend the walk-in-interview as per the above schedule.
- For details please visit OMC website: www.omcltd.in.

30005/11/0039/1920 GENERAL MANAGER (P&A)

## ପୂର୍ବ ତଟ ରେଳପଥ
### ଅଲ୍ ଇଣ୍ଡିଆ ପେନ୍‌ସନ୍ ଅଦାଲତ-2019

ପୂର୍ବ ତଟ ରେଳପଥ ଏକକାଳୀନ ଭାବେ ଖୋର୍ଦ୍ଧାରୋଡ଼, ୱାଲ୍ଟିୟର, ସମ୍ବଲପୁର, ମଞ୍ଚେଶ୍ୱର କାରଖାନା, ନିର୍ମାଣ ସଂଗଠନ ଏବଂ ଭୁବନେଶ୍ୱର ସ୍ଥିତ ପୂର୍ବ ତଟ ରେଳପଥର ଜୋନାଲ ମୁଖ୍ୟାଳୟ ଠାରେ ଏକ ପେନ୍‌ସନ୍ ଅଦାଲତ-2019 ପରିଚାଳନା କରିବ।
ଅବସରପ୍ରାପ୍ତ ରେଳ କର୍ମଚାରୀ/ପ୍ରତିପାଳ୍ୟ, ଅବସରପ୍ରାପ୍ତ/ମୃତ୍ୟୁବରଣ କରିଥିବା ରେଳ କର୍ମଚାରୀଙ୍କ ଉପରେ ନିର୍ଭରଶୀଳ ବ୍ୟକ୍ତିବିଶେଷ, ଯେଉଁମାନଙ୍କର ପେନ୍‌ସନ/ସେଟଲମେଣ୍ଟ ପାଉଣା (**settlement dues**)/ଚିକିତ୍ସା ଭତ୍ତା ଇତ୍ୟାଦି ସମ୍ପର୍କିତ ଅଭିଯୋଗମାନ ରହିଛି, ସେମାନେ ନିମ୍ନଲିଖିତ ନିର୍ଦ୍ଧାରିତ ପ୍ରୋଫର୍ମା ଅନୁଯାୟୀ ବିସ୍ତୃତ ବିବରଣୀ ସହିତ ସଂପୃକ୍ତ ରେଳ ପ୍ରାଧିକାରୀମାନଙ୍କୁ ସମ୍ବୋଧନ କରି ଅଭିଯୋଗ ସମ୍ବଳିତ ଲଫାପାର ଶୀର୍ଷରେ ବିଧିବଦ୍ଧ ରୂପେ **"ଅଲ୍ ଇଣ୍ଡିଆ ପେନ୍‌ସନ୍ ଅଦାଲତ -2019"** ଉଲ୍ଲେଖ କରି **16 ଅଗଷ୍ଟ 2019** ସୁଦ୍ଧା କିମ୍ବା ତା' ପୂର୍ବରୁ ଆବେଦନ କରିବା ଉଚିତ୍।

| କ୍ରମ ସଂ. | ମଣ୍ଡଳ / କାର୍ଯ୍ୟାଳୟ | କାହା ନିକଟରେ ଆବେଦନ କରାଯିବ |
|---|---|---|
| 1. | ଖୋର୍ଦ୍ଧା ରୋଡ଼ | ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ସା/ପୋଷ୍ଟ : ଜଟଣୀ, ଜିଲ୍ଲା : ଖୋର୍ଦ୍ଧା, ଓଡ଼ିଶା-752050 ଇମେଲ୍ ଠିକଣା : srdpo@kur.railnet.gov.in, dpoofficekur@gmail.com, ଫ୍ୟାକ୍ସ ନଂ : 0674-2491198 |
| 2. | ୱାଲ୍ଟିୟର | ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ଦୋଣ୍ଡାପାର୍‌ଥୀ, ବିଶାଖାପାଟଣା, ଅନ୍ଧ୍ରପ୍ରଦେଶ-530016 ଇମେଲ୍ ଠିକଣା : srdpowat@rediffmail.com, ଫ୍ୟାକ୍ସ ନଂ : 0891-2549992 |
| 3. | ସମ୍ବଲପୁର | ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ପୋଷ୍ଟ : ମୋଦିପଡ଼ା, ସମ୍ବଲପୁର, ଓଡ଼ିଶା-768002 ଇମେଲ୍ ଠିକଣା : dpo_sbp@sbp.railnet.gov.in, dposbp06@gmail.com, ଫ୍ୟାକ୍ସ ନଂ : 0663-2402501 |
| 4. | ରେଳ ଡ଼ବା ମରାମତି କାରଖାନା/ମଞ୍ଚେଶ୍ୱର | କାରଖାନା କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ରେଳ ଡ଼ବା ମରାମତି କାରଖାନା, ମଞ୍ଚେଶ୍ୱର, ଭୁବନେଶ୍ୱର-751017 ଇମେଲ୍ ଠିକଣା : cwmmcsw@gmail.com, wpomcs@gmail.com, ଫ୍ୟାକ୍ସ ନଂ : 0674-2748702 |
| 5. | ନିର୍ମାଣ ସଂଗଠନ | ଉପ ମୁଖ୍ୟ କାର୍ମିକ ଅଧିକାରୀ (ନିର୍ମାଣ), ପୂର୍ବ ତଟ ରେଳପଥ, ତୃତୀୟ ମହଲା, ଉତ୍ତର ବ୍ଲକ୍, ରେଳ ସଦନ, ଭୁବନେଶ୍ୱର-751017 ଇମେଲ୍ ଠିକଣା : dcpoconbbs@gmail.com, ଫ୍ୟାକ୍ସ ନଂ : 0674-2300437 |
| 6. | ମୁଖ୍ୟାଳୟ / ଭୁବନେଶ୍ୱର | ଉପ ମୁଖ୍ୟ କାର୍ମିକ ଅଧିକାରୀ (IR&W), ପୂର୍ବ ତଟ ରେଳପଥ, ଦ୍ୱିତୀୟ ମହଲା, ଦକ୍ଷିଣ ବ୍ଲକ୍, ରେଳ ସଦନ, ଭୁବନେଶ୍ୱର-751017 ଇମେଲ୍ ଠିକଣା : dycpoirecor@gmail.com, ଫ୍ୟାକ୍ସ ନଂ : 0674-2300031 |

ସେହିମାନଙ୍କୁ ଅନୁରୋଧ କରାଯାଉଅଛି, ଯେଉଁମାନଙ୍କର କୌଣସି ବହୁ ଦିନ ଧରି ପଡ଼ି ରହିଥିବା ପେନ୍‌ସନ୍ /ସେଟଲମେଣ୍ଟ ପାଉଣା (settlement dues)/ ଚିକିତ୍ସା ଭତ୍ତା ଇତ୍ୟାଦି ସମ୍ପର୍କିତ କୌଣସି ଦେୟ ବାକି ଅଛି, ସେ କ୍ଷେତ୍ରରେ ସେମାନେ ସେହି ସଂପୃକ୍ତ କାର୍ମିକ ଅଧିକାରୀମାନଙ୍କ ନିକଟକୁ ସେମାନଙ୍କ ଅଭିଯୋଗଗୁଡିକୁ ପଠାନ୍ତୁ, ଯାହାଙ୍କ ଅଧିନରେ ସେମାନେ ଅନ୍ତିମ ପର୍ଯ୍ୟାୟରେ କାର୍ଯ୍ୟ ସମ୍ପାଦନ କରିଥିଲେ।

**ଅଲ୍ ଇଣ୍ଡିଆ ପେନ୍‌ସନ୍ ଅଦାଲତ - ୨୦୧୯ ନିମନ୍ତେ ଆବେଦନ ପ୍ରୋଫର୍ମା**
1. ଅବସରପ୍ରାପ୍ତ/ ମୃତ୍ୟୁବରଣ କରିଥିବା ରେଳ କର୍ମଚାରୀଙ୍କ ନାମ :
2. ପିତା / ସ୍ୱାମୀଙ୍କ ନାମ :
3. ଅନ୍ତିମ ପର୍ଯ୍ୟାୟରେ କାର୍ଯ୍ୟ କରିଥିବା ଷ୍ଟେସନ ଏବଂ କାର୍ଯ୍ୟାଳୟ :
4. ଅନ୍ତିମ ପର୍ଯ୍ୟାୟରେ ଅବସ୍ଥାପିତ ପଦବୀର ନାମ ଏବଂ ଗ୍ରେଡ୍ ପେ :
5. ଅବସର / ମୃତ୍ୟୁ / ସ୍ୱଚ୍ଛିକ ସେବାନିବୃତ୍ତି/ ପ୍ରାୟୋଗିକ ତ୍ୟାଗପତ୍ର ତାରିଖ :
6. ପି.ପି.ଓ. (P.P.O.) ସଂଖ୍ୟା କିମ୍ବା ପେନ୍‌ସନ୍ ମଞ୍ଜୁରୀ ନ ହେବା ସ୍ଥଳେ ପି.ଏଫ୍. (P.F.) ଆକାଉଣ୍ଟ ନମ୍ବର, ଷ୍ଟାଫ/ ଟିକେଟ ନମ୍ବର :
7. ଅଭିଯୋଗ (ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରାଯିବା ଆବଶ୍ୟକ)। ଯଦି ଏ ସମ୍ବନ୍ଧରେ ରେଳବାଇ ତରଫରୁ କୌଣସି ପୂର୍ବ ପ୍ରସଙ୍ଗ ଥାଏ, ତେବେ ତାହା ଉଲ୍ଲେଖ କରନ୍ତୁ :
8. ଆବେଦନକାରୀଙ୍କ ନାମ, ଠିକଣା ଏବଂ ଟେଲିଫୋନ୍ ନମ୍ବର :
9. ଆବେଦନକାରୀଙ୍କ ସାକ୍ଷର :

**ଦ୍ରଷ୍ଟବ୍ୟ :** ଅନୁକମ୍ପାମୂଳକ ନିଯୁକ୍ତି, ରେଳୱେ କ୍ୱାର୍ଟର ଧାରଣ, ଦଣ୍ଡନୀୟ / କ୍ଷତିପୂର୍ତ୍ତି ଭଡ଼ା ଆଦାୟ, ଓଟି (OT), ଟିଏ (TA) ଇତ୍ୟାଦି ଭଳି ମାମଲାଗୁଡ଼ିକ ପେନ୍‌ସନ୍ ଅଦାଲତ ପରିସରଭୁକ୍ତ ହେବ ନାହିଁ।

PR-284/K/19-20 ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ, ଭୁବନେଶ୍ୱର

## ସଂକ୍ଷେପରେ

### କୃମିନାଶକ ବଟିକା ଖୁଆଇଲେ ବିଧାୟକ

**ଛତ୍ରପୁର,୮।୮(ଡି.ଏନ.ଏ):** ଛତ୍ରପୁର ବ୍ଲକ ମୁନିଷିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ଥାନୀୟ ସରକାରୀ ପୁତିଗୋପାଳପୁର ଉଚ୍ଚ ପ୍ରାଥମିକ ସ୍କୁଲ ପରିସରରେ ଗୁରୁବାର ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି । ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଏଥିରେ ଯୋଗଦେଇ ସ୍କୁଲ ପିଲାଙ୍କୁ କୃମିନାଶକ ବଟିକା ଖୁଆଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଛତ୍ରପୁର ବ୍ଲକର ୩୩ ହଜାର ପିଲାଙ୍କୁ ଔଷଧ ସେବନ ନିମନ୍ତେ ସାମିଲ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ବ୍ଲକ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ସିଡିପିଓ କ୍ରିଷ୍ଣା କୁମାରୀ ନନ୍ଦ, ଛତ୍ରପୁର ଏବିଇଓ ସୀତାରାମ ପାତ୍ର ଓ ନୃସିଂହ ଚରଣ ମିଶ୍ର, ମେଡିକାଲ ଅଫିସର ଏ. ତନୁଜା, ପିଏଚଇଓ ବରୁଣ କୁମାର ପାଣିଗ୍ରାହୀ, ବିପିଏମ୍ ସୀମାଞ୍ଚଳ ପ୍ରଧାନ, ପ୍ରଧାନଶିକ୍ଷୟିତ୍ରୀ ଏନ୍. ରାଜେଶ୍ୱରୀ ରେଡ୍ଡୀ ପ୍ରମୁଖ ଯୋଗଦେଇଥିଲେ ।

### ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

**ଆର.ଉଦୟଗିରି,୮।୮(ଡି.ଏନ.ଏ.):** ଆର.ଉଦୟଗିରି ବ୍ଲକରେ ସ୍ୱାଧୀନତା ଦିବସ ପାଳନ ନେଇ ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ବ୍ଲକ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ପ୍ରଦୀପ କୁମାର ନାୟକ ଅଧକ୍ଷତା କରିଥିଲେ।ସ୍ୱାଧୀନତା ଦିବସ କିଭଳି ସୂଚାରୁ ରୂପେ ପାଳନ ହେବ ସେ ଉପରେ ଗୁରୁତ୍ୱାରୋପ କରିବା ସହ ବିଡିଓ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏସଡିପିଓ ଅଶୋକ କୁମାର ମହାନ୍ତି, ଥାନାଧିକାରୀ ପ୍ରଭାକର ସେଠୀ, ତହସିଲଦାର ସ୍ମୃତିରଞ୍ଜନ ସତପଥୀ, ସିଡିପିଓ ଆବିଦା ପରବିନ, ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ପୂଜାରୀ ପ୍ରମୁଖ ମଞ୍ଚାସୀନ ଥିଲେ ।

### ଜାତୀୟ କୃମିନାଶକ ଦିବସ ପାଳିତ

**କନିଷି,୮।୮(ଡି.ଏନ.ଏ.):** ରଙ୍ଗେଇଲୁଣ୍ଡା ବ୍ଲକ ପାଲୁରହିଲ୍‌ଠାରେ ଥିବା ରାଜ୍ୟର ଏକମାତ୍ର ଆଦିବାସୀ ଛାତ୍ରୀଛାତ୍ରମାନଙ୍କ ପାଇଁ ଉଦ୍ଦିଷ୍ଟ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଗୁରୁବାର ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ କୃମିନାଶକ ବଟିକା ଖୁଆଇଥିଲେ। ସାଧାରଣତଃ କୃମି ଯୋଗୁ ପିଲାମାନଙ୍କ ରକ୍ତହୀନତା, ଅପପୁଷ୍ଟି ଓ ମେଧା ଶକ୍ତିରେ ହ୍ରାସ ହୋଇଥାଏ। ଏକ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ବାଧତାମୂଳକ ଏହି ଔଷଧ ସେବନ କରିବା ପାଇଁ କହିଥିଲେ। ଅଗଷ୍ଟ ୮ ଓ ୧୬ ତାରିଖ ୨ଦିନ ଏହି କାର୍ଯ୍ୟକ୍ରମ ମାଧମରେ ଗଞ୍ଜାମ ଜିଲାର ୭ ଲକ୍ଷ ୩୪ ହଜାର ୧୨୦ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯିବ। ଏଥିରେ ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ବିଜୟ କୁମାର ପାଣିଗ୍ରାହୀଙ୍କ ସମେତ ବହୁ ଉଚ୍ଚ ପଦାଧିକାରୀ ଯୋଗ ଦେଇଥିଲେ।

### ଆଟ୍ୟା ପାଟ୍ୟା ଜାତୀୟ ଚାମ୍ପିୟନଶିପ
### ଭାଗନେବେ ଆଦର୍ଶ ବିଦ୍ୟାଳୟର ୪ ଛାତ୍ର

**ଛତ୍ରପୁର,୮।୮(ଡି.ଏନ.ଏ):** ଆସନ୍ତା ୧୦ ତାରିଖରୁ ମଧ୍ୟପ୍ରଦେଶର ଇନ୍ଦୋରର ବିଏମ୍ ଖାଲସା କଲେଜରେ ଆଟ୍ୟା ପାଟ୍ୟା ଜାତୀୟ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ । ଏଥିରେ ଅଂଶଗ୍ରହଣ କରିବାକୁ ଚମାଖଣ୍ଡି ସ୍ଥିତ ଛତ୍ରପୁର ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟର ୪ ଛାତ୍ର ମନୋନୀତ ହୋଇଛନ୍ତି। ଏମାନେ ହେଲେ ରୁପେଶ ପାଣିଗ୍ରାହୀ, ଅପୂର୍ବ ରଥ, ପ୍ରତୀକ ମିଶ୍ର ଓ କେ.ସୋମନାଥ ପ୍ରଧାନ । ଓଡିଶା ଟିମ୍‌ରେ ଏମାନେ ଖେଳିବେ । କଟକସ୍ଥିତ ଓଡିଶା ଆଟ୍ୟା ପାଟ୍ୟା ଆସୋସିଏଶନ ର ଆସିଷ୍ଟାଣ୍ଟ ସେକ୍ରେଟାରୀ ଜି. ସୁବାସ ସ୍ୱାମୀଙ୍କ ପକ୍ଷରୁ ଏ ସମ୍ପର୍କରେ ଛତ୍ରପୁର ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରିନ୍ସପାଲଙ୍କ ନିକଟକୁ ଚିଠି ଆସିଥିଲା । ଗୁରୁବାର ଛାତ୍ରମାନେ ଇନ୍ଦୋର ଯାତ୍ରା ଆରମ୍ଭ କରିଛନ୍ତି।

### ଦେଶୀ ମଦ ଜବତ, ଜଣେ ଗିରଫ

**ବୁଗୁଡ଼ା,୮।୮(ଡି.ଏନ.ଏ.):** ବୁଗୁଡ଼ା ଥାନା ଅନ୍ତର୍ଗତ ଘୋଳପୁର ରାସ୍ତାରେ ଗୁରୁବାର ସକାଳେ ବୁଗୁଡ଼ା ପୋଲିସ ଜଣେ ଯୁବକଙ୍କ ଠାରୁ ୧୨ ଲିଟର ଦେଶୀ ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଛି। ସେ ହେଲେ ଭଞ୍ଜନଗର ଥାନା ଅନ୍ତର୍ଗତ ଜିଲୁଣ୍ଡି ଗ୍ରାମର ରଞ୍ଜିତ ସେଠୀ । ଏ ନେଇ ବୁଗୁଡ଼ା ଥାନାରେ ନଂ.୧୫୭/୧୯ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ବୁଢ଼ୀ ଠାକୁରାଣୀ ପୀଠ ଉନ୍ନତୀକରଣ ଆରମ୍ଭ ହୋଇନି

# ବହୁ ପ୍ରକଳ୍ପ ଅଧାପନ୍ତରିଆ ରଖିଛି ଓଟିଡିସି

**ଛତ୍ରପୁର,୮।୮(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀର ଉନ୍ନତୀକରଣ କାର୍ଯ୍ୟ ଅଧାପନ୍ତରିଆ ରହିଛି । ଅଧିକାଂଶ ପ୍ରକଳ୍ପ କାମ ଓଟିଡିସି କରୁଛି । ବୁଧବାର ଛତ୍ରପୁରସ୍ଥିତ ଓସୱାସ୍ ଭିଡିଓ କନଫରେନ୍ସିଂ ହଲ୍‌ରେ ଅନୁଷ୍ଠିତ ଗଞ୍ଜାମ ଜିଲା ପର୍ଯ୍ୟଟନ ଉନ୍ନୟନ ପରିଷଦ ବୈଠକରୁ ଉପରୋକ୍ତ ସୂଚନା ମିଳିଛି । ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧକ୍ଷତା କରି ପ୍ରତି ପ୍ରକଳ୍ପର କ'ଣ ସ୍ଥିତି ଅଛି ସେ ସମ୍ପର୍କରେ ସମୀକ୍ଷା କରିଥିଲେ। ଅଧାପନ୍ତରିଆ କାମ ସମ୍ପୂର୍ଣ୍ଣ କରିବାକୁ ଏବଂ ହୋଇ ନ ଥିବା କାମ ତୁରନ୍ତ ଆରମ୍ଭ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ପୋତାଗଡ, ରାମଚଣ୍ଡୀ, ଗୁପ୍ତେଶ୍ୱର, ଜିଲୁଣ୍ଡା, ଦକ୍ଷିଣପୁର, ସୁନାପୁର ବେଳାଭୂମି, ଭଞ୍ଜନଗର ଟାଉନ୍ ସହ ବିଜୁ ପଟ୍ଟନାୟକ ପାର୍କର ଉନ୍ନତୀକରଣ ଉପରେ ଆଲୋଚନା ହୋଇଥିଲା। ରମ୍ଭା ପାନ୍ଥନିବାସକୁ ପରିଷ୍କାର ରଖିବା ସହ ଗାର୍ଡେନର ଉନ୍ନତୀକରଣ କରିବାକୁ ଜିଲାପାଳ କହିଥିଲେ । ଗତ ୫ ବର୍ଷ ମଧ୍ୟରେ ଜିଲାକୁ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ମନ୍ଦିର ଆଦିର ଉନ୍ନତୀକରଣ ଓ ବିଭିନ୍ନ ପ୍ରକଳ୍ପ ପାଇଁ ମୋଟ ୩୦ କୋଟି ୧୦ ଲକ୍ଷ ୩ ହଜାର ଟଙ୍କା ଆସିଥିଲା। ଓଟିଡିସିକୁ ଏହି ପ୍ରକଳ୍ପଗୁଡିକର ଉନ୍ନତୀକରଣ ପାଇଁ ଦାୟିତ୍ୱ ଦିଆଯାଇଥିଲା। ତାମ୍ପରା, ରମ୍ଭା



ବୈଠକରେ ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

### ରଷିକୁଲ୍ୟା ନଦୀରେ ଜଳକ୍ରୀଡାର ବ୍ୟବସ୍ଥା ହେବ

ପାନ୍ଥନିବାସ, ଗିରିଶୋଳା ପାନ୍ଥଶାଳା ପାଇଁ ୧ କୋଟି ଟଙ୍କା ଲେଖାଏ ଅନୁଦାନ ଆସିଥିଲା। ଏହି ସବୁ ପ୍ରକଳ୍ପ କାମ ସରିଥିବା ସୂଚନା ଦିଆଯାଇଛି। ୨୦୧୪-୧୫ ରେ ବ୍ରହ୍ମପୁର ବୁଢୀ ଠାକୁରାଣୀ ପୀଠ ଉନ୍ନତୀକରଣ ପାଇଁ ୧ କୋଟି ଟଙ୍କା ଏଷ୍ଟିମେଟ୍ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଏହି କାମ ଆରମ୍ଭ ହୋଇ ନ ଥିବା ସମୀକ୍ଷାରୁ ଜଣାପଡିଛି। ସେହିପରି ୨୦୧୫-୧୬ରେ ବାଙ୍କେଶ୍ୱରୀ ମନ୍ଦିର ଉନ୍ନତୀକରଣ କାର୍ଯ୍ୟ ପାଇଁ ୩୦ ଲକ୍ଷ ଟଙ୍କା ଦିଆଯାଇଥିଲା। ତାହା ମଧ ଆରମ୍ଭ ହୋଇନି । ମା' ସିଦ୍ଧ ଭୈରବୀ ମନ୍ଦିର ପାଇଁ ଦିଆଯାଇଥିବା ୩୦ ଲକ୍ଷ ଟଙ୍କାର ଉନ୍ନତୀକରଣ କାମ ଅଧାପନ୍ତରିଆ ହୋଇ ରହିଥିଛି । ମା' ଘୋଡେଇଶୁଣୀ ମନ୍ଦିର (୩୦ ଲକ୍ଷ), ୨୦୧୬-୧୭ରେ ବିଜୁ ପଟ୍ଟନାୟକ ପାର୍କ (୭୫ ଲକ୍ଷ), ସିଦ୍ଧ ଭୈରବୀ (୩୦ ଲକ୍ଷ), ସକଳେଶ୍ୱର ଓ ସିଦ୍ଧ ମହାବୀର ପୀଠ (୫୦ ଲକ୍ଷ), କୁଲାଗଡ, ଝାଡେଶ୍ୱର, ବାଳକୁମାରୀ ପୀଠ, ସିଦ୍ଧ ବାଙ୍କେଶ୍ୱରୀ, ସିଂହାସିନୀ (୧.୫୦ କୋଟି), ସିଦ୍ଧେଶ୍ୱର, ବୁଦ୍ଧ ଲିଙ୍ଗେଶ୍ୱର, ପଳାକଶୁଣୀ, ବୁଦ୍ଧକେନ୍ଦୁ ପୀଠ (୭୫ ଲକ୍ଷ), ଓଲପୁର ବିଜୁ ପଟ୍ଟନାୟକ ପାର୍କ (୫୦ ଲକ୍ଷ) ଉନ୍ନତୀକରଣ କାମ ଅଧାପନ୍ତରିଆ ହୋଇରହିଛି। ସେହିପରି ୨୦୧୭-୧୮ର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜନ୍ମ ସ୍ଥାନ (୫୦ ଲକ୍ଷ) ଉନ୍ନତୀକରଣ କାମ ସରି ନ ଥିବା ବେଳେ ତପ୍ତପାଣି ପାନ୍ଥନିବାସ ଉନ୍ନତୀକରଣ (୧ କୋଟି), କୁଣ୍ଡେଶ୍ୱରୀ ଜେଟି ଓ ୱାଚ୍ ଟାୱାର (୭୦ ଲକ୍ଷ), ତାରାତାରିଣୀ ପୀଠ ଉନ୍ନତୀକରଣ (୧ କୋଟି) କାମ ସରିନି । ୨୦୧୮-୧୯ ର ଗାଙ୍ଗପୁର ଚନ୍ଦ୍ରଶେଖର ପୀଠ ଉନ୍ନତୀକରଣ (୫୦ ଲକ୍ଷ), କୁଣ୍ଡେଶ୍ୱରୀ (୫୦ ଲକ୍ଷ), ବିରଞ୍ଚି ନାରାୟର ମନ୍ଦିର ଉନ୍ନତୀକରଣ (୨୦ ଲକ୍ଷ), ବୁଦ୍ଧଖୋଲ (୨୦ ଲକ୍ଷ), ଗିରିଶୋଳା ପାନ୍ଥନିବାସ (୧.୦୫ କୋଟି), ଉଜ୍ଜ୍ୱଳେଶ୍ୱର, ରାମଚଣ୍ଡୀ ମନ୍ଦିର (୨୦ ଲକ୍ଷ) ଉନ୍ନତୀକରଣ କାମ ଅଧାପନ୍ତରିଆ ହୋଇ ରହିଛି । ଅପରପକ୍ଷରେ ହଳିଦିଆପଦରସ୍ଥିତ ଚନ୍ଦ୍ରକନ୍ତେଶ୍ୱର ମନ୍ଦିର ଉନ୍ନତୀକରଣ (୩୦ ଲକ୍ଷ), ଗିରିଶୋଳା ପାନ୍ଥନିବାସ (୧.୦୫ କୋଟି), ପଞ୍ଚମାପୀଠର ଉନ୍ନତୀକରଣ (୩୦ ଲକ୍ଷ), ଅକ୍ଷରାୟପୁର ଟୁରିଷ୍ଟ କମ୍ପ୍ଲେକ୍ସ (୩୦ ଲକ୍ଷ) କନ୍ଧୁଣି ଦେବୀ ମନ୍ଦିର ଉନ୍ନତୀକରଣ (୫୦ ଲକ୍ଷ) କାମ ଆରମ୍ଭ ହୋଇନି । ବିଭିନ୍ନ ବ୍ଲକରେ ଥିବା ପର୍ଯ୍ୟଟନସ୍ଥଳୀର ଚିହ୍ନଟ କରି ବିକାଶ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ପୋତାଗଡ ନିକଟରେ ଥିବା ରଷିକୁଲ୍ୟା ମୁହାଣ ସହ ତାରାତାରିଣୀ ନିକଟରେ ରଷିକୁଲ୍ୟା ନଦୀରେ ଜଳକ୍ରୀଡାର ବ୍ୟବସ୍ଥା ହେବ। ବାଘଲଟି ଜଳସେଚନ ପ୍ରକଳ୍ପ, ସୋରଡା ଓ ଘୋଡାହାଡ ଡ୍ୟାମ୍‌ରେ ଜଳକ୍ରୀଡାର ବିକାଶ କରାଯିବ। ବେଲଗୁଣ୍ଠାର ନୂଆଗାଁରେ ଥିବା ବିଜୁ ପଟ୍ଟନାୟକଙ୍କ ପୈତୃକ ଗୃହରେ ନିର୍ମାଣ କରାଯାଇଥିବା ଜନସାଧାରଣ ପାଇଁ ଚିତ୍ତ ବିନୋଦନ କେନ୍ଦ୍ରକୁ ଅତିଶୀଘ୍ର ଉଦ୍‌ଘାଟନ କରାଯିବ । ବୈଠକରେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଜିଲା ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ ଓ ସନାତନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ପଞ୍ଚାୟତସ୍ତରୀୟ ଶୁଣାଣି
### 'ମୋ ନିବେଦନ' ଶୁଭାରମ୍ଭ ଆଜି

**ଛତ୍ରପୁର,୮।୮(ଡି.ଏନ.ଏ)**

ଜନସାଧାରଣଙ୍କ ସମସ୍ୟା ସେମାନଙ୍କ ହାତ ପାଆନ୍ତାରେ ସମାଧାନ କରିବା ପାଇଁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଆରମ୍ଭ କରିଥିବା ନୂତନ ଅଭିଯୋଗ ଶୁଣାଣି ବ୍ୟବସ୍ଥା 'ମୋ ନିବେଦନ' ଶୁଭାରମ୍ଭ ହେବ। ଏହା ପଞ୍ଚାୟତ ମୁଖ୍ୟାଳୟ ଗୁଡିକରେ ଆୟୋଜନ ହେବ । ଅଗଷ୍ଟ ୯ ତାରିଖ କ୍ରାନ୍ତୀ ଦିବସ ଅବସରରେ ଶୁକ୍ରବାର ଏହା ଆରମ୍ଭ ହେବ । ପରବର୍ତ୍ତୀ ପର୍ଯ୍ୟାୟରେ ମାସର ଦ୍ୱିତୀୟ ଓ ଚତୁର୍ଥ ଶୁକ୍ରବାର ଅଭିଯୋଗ ଶୁଣାଣି ହେବ। ଏଥିରେ ବ୍ଲକସ୍ତରୀୟ ଅଧିକାରୀମାନେ ଓ ପୋଲିସ ଯୋଗଦେବେ । ଅଭିଯୋଗ ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଛତ୍ରପୁର ବ୍ଲକର ଚମାଖଣ୍ଡି ଓ ଶ୍ରୀରାମଚନ୍ଦ୍ରପୁର, ଗଞ୍ଜାମ ବ୍ଲକର ହୁମ୍ମା ଓ କାଇଁଚପୁର, ଖଲ୍ଲିକୋଟ ବ୍ଲକର ଡିମିରିଆ, ବେଗୁନିଆପଡା ବ୍ଲକର ଖଣ୍ଡିଆନଈ ଓ କେ. ବରିଡା, ପୁରୁଷୋତ୍ତମପୁର ବ୍ଲକର ରଣଝାଲି, ରାଇପୁର, ପାଣିଆ, ସିଏଚ୍ ନୂଆଗାଁ , ଆଛୁଲି, ହାଣ୍ଡିଘର, ହିଞ୍ଜିଳି ବ୍ଲକର କଞ୍ଚୁରୁ ଓ ଶାସନ ଆମ୍ବଗାଁରେ ହେବ। ସେହିପରି ଭଞ୍ଜନଗର ବ୍ଲକର କୁଲାଡ ଓ ଲେମ୍ବେଇ, ବେଲଗୁଣ୍ଠା ବ୍ଲକର ମଙ୍ଗଳପୁର ଓ ଆମ୍ବପୁଆ, ବୁଗୁଡା ବ୍ଲକର ଗୌଡିଆବରଦା ଓ ଗୋଳାବନ୍ଧ, ଶେରଗଡ ବ୍ଲକର କୁମାରପାଣି ଓ କରଡାକଣା, ଆସିକା ବ୍ଲକର ଆଳିପୁର ଓ ବାବନପୁର, ଧରାକୋଟ ବ୍ଲକର ଦହଡା, ଝରାପାରି ଓ ଝାଡବନ୍ଧ, ସୋରଡା ବ୍ଲକର ଅସୁରବନ୍ଧ ଓ ଭଗବାନପୁର ଆଦି ପଞ୍ଚାୟତ ସ୍ତରରେ ପ୍ରଥମ ପର୍ଯ୍ୟାୟ ମୋ ନିବେଦନ କାର୍ଯ୍ୟକ୍ରମ ଆରମ୍ଭ ହେବ ।

## ଜମିରୁ ପାଣି ନିଷ୍କାସନ ନ ହେବା ପ୍ରସଙ୍ଗ

# ଅନୁଧ୍ୟାନ କଲେ ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀ

**ଛତ୍ରପୁର,୮।୮(ଡି.ଏନ.ଏ)**

ଛତ୍ରପୁର ବ୍ଲକର ବହୁ ଧାନ ଜମିରେ ବର୍ଷା ପାଣି ଜମି ରହିଛି । ପାଣି ନିଷ୍କାସନ ହୋଇପାରୁ ନ ଥିବା ଏବଂ ଜୟମଙ୍ଗଳ କେନାଲ ପୋତି ହୋଇଯାଇଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଛି । ୨ ଦିନଧରି ବର୍ଷା ହେବା ଫଳରେ ବ୍ଲକର ବଡମାଧପୁର, ବିପୁଲିଙ୍ଗି, ବଡଲଗାଁ ଓ ପୋଢଲାମପୁର ପଞ୍ଚାୟତର ବିଭିନ୍ନ ଜମିରେ ପାଣି ଜମି ରହିଛି। ତୁରନ୍ତ ଏହା ନିଷ୍କାସନ ନ ହେଲେ ଫସଲ ଉଜୁଡିବା ଆଶଙ୍କା ରହିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଅପରାହ୍ନରେ ବ୍ରହ୍ମପୁର ଜଳସେଚନ ବିଭାଗର ଏକ ଟିମ୍ ଉକ୍ତ ଅଞ୍ଚଳ ବୁଲି ଦେଖି ତଥ୍ୟ ସଂଗ୍ରହ କରିଛନ୍ତି। ବ୍ରହ୍ମପୁରସ୍ଥିତ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଲଡୁ କିଶୋର ସାବତ। ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ପାଳ ଓ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ସାହୁ ପ୍ରମୁଖ ଜୟମଙ୍ଗଳ କେନାଲ ସହ ପାଣିରେ ବୁଡି ରହିଥିବା ଫସଲ



ଅଧୀକ୍ଷଣ ଯନ୍ତ୍ରୀ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ଅନୁଧ୍ୟାନ କରିଛନ୍ତି। ଭବିଷ୍ୟତରେ କିଭଳି ବର୍ଷା ପାଣି ଠିକ୍ ଭାବେ ନିଷ୍କାସନ ହୋଇପାରିବ ସେନେଇ ଏକ ଆକ୍ସନ ପ୍ଲାନ୍ ପ୍ରସ୍ତୁତ ହେବ । ୧୫ ଦିନ ମଧ୍ୟରେ ଏହି ପ୍ଲାନ୍ ଦେବାକୁ ଅଧୀକ୍ଷଣ ଯନ୍ତ୍ରୀ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମସ୍ୟା ନେଇ ମଧ ଚାଷୀମାନେ ଅଧୀକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ରଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ଏବଂ ସ୍ଥାନୀୟ ଚାଷୀମାନେ ସେଠାରେ ଉପସ୍ଥିତ ଥିଲେ ।

### କୃମିନାଶକ ବଟିକା ଖାଇ ୮ ଛାତ୍ରୀଛାତ୍ର ଅସୁସ୍ଥ

**କବିସୂର୍ଯ୍ୟନଗର,୮।୮**

କବିସୂର୍ଯ୍ୟନଗରରେ କୃମି ନାଶକ ଔଷଧ ଖାଇ ଗୁରୁବାର ୮ଛାତ୍ରୀଛାତ୍ର ଅସୁସ୍ଥ ହୋଇଛନ୍ତି। ସେମାନଙ୍କୁ କବିସୂର୍ଯ୍ୟନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାପରେ ସୁସ୍ଥ ହୋଇ ସମସ୍ତେ ଘରକୁ ଫେରିଛନ୍ତି। ପ୍ରକାଶ ଯେ, ଜରଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭ ଛାତ୍ରୀଛାତ୍ର ଓ ଗୁଡ଼ିଆପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ଜଣେ ଛାତ୍ରଙ୍କୁ ଗୁରୁବାର ମଧାହ୍ନ ଭୋଜନ ପରେ କୃମିନାଶକ ବଟିକା ଖାଇବାକୁ ଦିଆଯାଇଥିଲା। ବଟିକା ଖାଇବାପରେ ମୁଣ୍ଡ ବୁଲାଇ କେତେଜଣ ବାନ୍ତି କରିଥିଲେ। ଅଟୋ ଯୋଗେ ସେମାନଙ୍କୁ କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସନ୍ଧ୍ୟାରେ ସୁସ୍ଥହୋଇ ଘରକୁ ଫେରିଥିଲେ। ବିଇଓ ନିରଞ୍ଜନ ମିଶ୍ର, ଏବିଇଓ କୈଳାସ ବେହେରା ଓ ଶିକ୍ଷକମାନେ ପହଞ୍ଚି ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ବହୁ ଛାତ୍ରୀଛାତ୍ର ବଟିକା ଖାଇବାକୁ ମନା କରିବା ସତ୍ତ୍ୱେ ତାଙ୍କୁ ବାଧ କରି ଦିଆଯାଇଥିବା ଅଭିଭାବକ ଅଭିଯୋଗ କରିଛନ୍ତି।

## ମୋ ଗୋପାଳପୁର କାର୍ଯ୍ୟକ୍ରମ

# ସଫଳ ରୂପାୟନ ପାଇଁ ଆଲୋଚନା

**ଗୋପାଳପୁର,୮।୮**

ଗଞ୍ଜାମ ଜିଲା ନଗର ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ଗୁରୁବାର ସନ୍ଧ୍ୟାରେ ଗୋପାଳପୁର ଏନ୍ଏସି କାର୍ଯ୍ୟାଳୟ ଗସ୍ତ କରିଛନ୍ତି। ସନ୍ଧ୍ୟା ପ୍ରାୟ ୬ଟା ସମୟରେ ପ୍ରକଳ୍ପ ନିର୍ଦ୍ଦେଶକ ସୁଦାମ ଚରଣ ମଣ୍ଡଳ, ଜିଲା ନଗର ଉନ୍ନୟନ ସଂସ୍ଥାର ୩ଜଣ ପ୍ରତିନିଧି, ପରିମଳ ବିଶେଷଜ୍ଞ ରଶ୍ମିରଞ୍ଜନ ବେହେରା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀଙ୍କ ସହ ଶୁକ୍ରବାର ଗୋପାଳପୁର ବେଳାଭୂମିରେ ଆୟୋଜିତ ମୋ ଗୋପାଳପୁର କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଆଲୋଚନା କରିବା ସହ ତଦାରଖ କରିଥିଲେ। ଏଥିସହ ଏନ୍ଏସିର ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ମୋ ବେଳାଭୂମି କାର୍ଯ୍ୟକ୍ରମ ହେଉଥିବା ସ୍ଥାନ ମଧ ପ୍ରକଳ୍ପ ନିର୍ଦ୍ଦେଶକ ଓ ପ୍ରତିନିଧି ଦଳ ପରିଦର୍ଶନ କରିଥିଲେ। ଏହି ଅବସରରେ ଅନାମିନା ପଟ୍ଟନାୟକ, ସରିତା ରାଣୀ ପଟ୍ଟନାୟକ, ମୁନା ସେଠୀ, ପ୍ରିୟରଞ୍ଜନ ମହାରଣା, ହିସି ହାଂସଦା, ପ୍ରଶାନ୍ତ କୁମାର ତ୍ରିବେଦୀ, ଗୋପାଳପୁର ଆଇଆଇସି ବିବେକାନନ୍ଦ ମହନ୍ତ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅପରାଧ ସମୀକ୍ଷା କଲେ ଏସ୍‌ପି

**ଛତ୍ରପୁର,୮।୮(ଡି.ଏନ.ଏ)**

ଛତ୍ରପୁରସ୍ଥିତ ଗଞ୍ଜାମ ଏସପିଙ୍କ ସମ୍ମିଳନୀ ଗୃହରେ ଗୁରୁବାର ଛତ୍ରପୁର ଓ ପୁରୁଷୋତ୍ତମପୁର ଉପଖଣ୍ଡସ୍ତରୀୟ ଅପରାଧ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଗଂଜାମ ଏସପି ବ୍ରିଜେଶ କୁମାର ରାଏ ଅଧକ୍ଷତା କରିଥିଲେ । ଛତ୍ରପୁର ଓ ପୁରୁଷୋତ୍ତମପୁର ଉପଖଣ୍ଡ ଅଧିନ ସମସ୍ତ ଥାନା ୱାରୀ ଅପରାଧ ସମୀକ୍ଷା କରାଯାଇଥିଲା। ପଡି ରହିଥିବା ସମସ୍ତ ମାମଲାର ତଦନ୍ତ ସାରିବାକୁ କୁହାଯାଇଥିଲା। ଅପରାଧରେ ବ୍ୟବହାର ହୋଇଥିବା ଅସ୍ତ୍ରଶସ୍ତ୍ର ଏବଂ ଜବତ ହୋଇଥିବା ଲୁଗାପଟା ଓ ଅନ୍ୟାନ୍ୟ ସାମଗ୍ରୀ ଠିକ୍ ଭାବେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅସାମାଜିକଙ୍କ ଉପରେ ନଜର ରଖିବା, ବେଆଇନ୍ ମଦ ଜବତ, ହେଲମେଟ୍ ଓ ଗାଡି ଯାଞ୍ଚ, ନିୟମିତ ପାଟ୍ରୋଲିଂ କରିବାକୁ ଏସପି ନିର୍ଦ୍ଦେଶ ଦେଇଛନ୍ତି।। ବୈଠକରେ ଅତିରିକ୍ତ ଏସପି ପତିତପାବନ ଚୌଧୁରୀ, ଛତ୍ରପୁର ଏସଡିପିଓ ଉତ୍କଳ କେଶରୀ ଦାଶଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀମାନେ ଯୋଗଦେଇଥିଲେ ।

### ବ୍ୟାଙ୍କରେ ପୋଲିସର ମକ୍‌ଡ୍ରିଲ୍

**ବେଗୁନିଆପଡ଼ା,୮।୮(ଡି.ଏନ.ଏ.):** କଞ୍ଚଣା ଗ୍ରାମ ଛକସ୍ଥିତ ଇଣ୍ଡିଆନ ବ୍ୟାଙ୍କ ଶାଖାରେ ପୋଲିସ ତରଫରୁ ମକଡ୍ରିଲ କରାଯାଇଛି। ଚୋରି, ଲୁଟପାଟ ବେଳେ କିପରି ସୁରକ୍ଷା ଅବଲମ୍ବନ କରାଯିବ ତାହାର କୌଶଳ ଅଭ୍ୟାସ କରାଯାଇଛି। କାର୍ଯକ୍ରମରେ କୋଦଳା ଥାନା ଅଧିକାରୀ ଦିଲୀପ କୁମାର ସାହୁ, ବେଗୁନିଆପଡା ଫାଣ୍ଡି ଅଧିକାରୀ ଦୀପ୍ତି ରଞ୍ଜନ ବେହେରାଙ୍କ ସମେତ ବ୍ୟାଙ୍କ ମ୍ୟାନେଜର ଜନ୍ମେଞ୍ଜୟ ଦାଶ ଉପସ୍ଥିତ ଥିଲେ।

# ଦିଗପହଣ୍ଡି, ସାନଖେମୁଣ୍ଡି ବ୍ଲକରେ ଚାଷଜମି ଜଳମଗ୍ନ

**ଦିଗପହଣ୍ଡି, ୮।୮(ଡି.ଏନ.ଏ.)**

ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକ ଅଞ୍ଚଳରେ ଗତ ଦୁଇଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ବ୍ୟାପକ ଚାଷଜମି ଜଳମଗ୍ନ ହୋଇଛି। ଖାଲୁଆ ଅଞ୍ଚଳରେ ଥିବା ଅନେକ ଧାନତଳି ଘରା ବର୍ଷା ପାଣିରେ ବୁଡ଼ି ରହିଛି। ବର୍ଷା ଜଳ ନିଷ୍କାସନ ପାଇଁ ଚାଷୀ ଚିନ୍ତିତ ହୋଇପଡ଼ିଛି । ବର୍ଷାଜଳ ନିଷ୍କାସନ ହୋଇ ନ ପାରିଲେ ଧାନତଳି ପଚିଯିବା ଆଶଙ୍କା ରହିଛି ବୋଲି ଚାଷୀ ଏମ. ରାମଚନ୍ଦ୍ର, ମୂଳିଆ ଜେନା, ଗୌରଚନ୍ଦ୍ର ପୂଜାରୀ, ଡି. ଅନ୍ତର୍ଯ୍ୟାମୀ, କିଶୋର ଚନ୍ଦ୍ର ଜେନା, ରାମଚନ୍ଦ୍ର ପୂଜାରୀ, ଏମ. ନାରସିଙ୍ଗୁଲୁ ପ୍ରମୁଖ କହିଛନ୍ତି। ଗୋଟିଏ ପଟେ ବର୍ଷା ଯୋଗୁ ଚାଷୀ ଆନନ୍ଦିତ ହୋଇଥିବା ବେଳେ ଏବେ ଜମିରୁ ଜଳ

### ଚାଷୀ ମୁଣ୍ଡରେ ଚଡ଼କ

ନିଷ୍କାସନ ଚିନ୍ତା ବିଷାଦ ଭରି ଦେଇଛି । ଜୁଲାଇ ମାସରେ ସମୁଦାୟ ୧୧ ମି.ମି. ବର୍ଷା ହୋଇଥିବା ବେଳେ ଗତ ୨ଦିନ ମଧ୍ୟରେ ୧୮୯ ମିଲିମିଟର ବର୍ଷା ହେବାରୁ ଧାନତଳି ଘରାଗୁଡିକରେ ୩/୪ଫୁଟ ପାଣି ଜମି ରହିଛି । ନିକଟ ଅତୀତରେ କୃଷି ବିଭାଗ ପକ୍ଷରୁ ପ୍ରାଥମିକ ସେବା ସମବାୟ ସମିତି ଜରିଆରେ ପ୍ରଦାନ କରାଯାଇଥିବା ଧାନ ବିହନକୁ ନେଇ ଚାଷୀ ତଳି ପକାଇଥିଲେ। ଏବେ ତାହା ନଷ୍ଟ ହେବା ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଚଳିତ ଖରିଫ ଧାନଚାଷ ଓ ପରିବା ଚାଷ ପାଇଁ ଏହି ଲଗାଣ ବର୍ଷା ବରଦାନ ସଦୃଶ ବୋଲି ଦିଗପହଣ୍ଡି ବ୍ଲକ ସହକାରୀ କୃଷି ଅଧିକାରୀ ପଦାରବିନ୍ଦ ସାହୁ କହିଛନ୍ତି ।



ଚାଷଜମି ବର୍ଷାପାଣିରେ ବୁଡ଼ି ରହିଛି।

## ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ବିଧାୟକ

# ନିର୍ମାଣ ହେବ ଆଇବି, ପାଠାଗାର, କଲ୍ୟାଣ ମଣ୍ଡପ

**ଗଞ୍ଜାମ,୮।୮ (ଡି.ଏନ.ଏ.)**

ଗୁରୁବାର ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଗଞ୍ଜାମ ଏନ୍ଏସି କାର୍ଯ୍ୟାଳୟ ସଭାଗୃହଠାରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଅଞ୍ଚଳବାସୀଙ୍କ ସହ ମୌଳିକ ସମସ୍ୟା ନେଇ ଆଲୋଚନା ପରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠକୁ ଯାଇ ଇଓ, ବିଭାଗୀୟ ଅଧିକାରୀ ଓ ଏନ୍ଏସି କର୍ମଚାରୀଙ୍କ ସହ ବିଭିନ୍ନ ଉନ୍ନତିମୂଳକ ଯୋଜନା କିପରି ଚାଲିଛି ସମୀକ୍ଷା କରିଥିଲେ। ପରେ ବିଧାୟକ ବେହେରା ଖବରଦାତା ସମ୍ମିଳନୀରେ ସହରରେ ହେବାକୁ ଥିବା ତିନୋଟି ବଡ଼ ପ୍ରକଳ୍ପ ବିଷୟରେ ଘୋଷଣା କରିଥିଲେ। ଖୁବଶୀଘ୍ର ସହରରେ ଅତ୍ୟାଧୁନିକ ବଙ୍ଗଳା (ଆଇବି), ପାଠାଗାର ଓ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବ ବୋଲି ବିଧାୟକ ଖବରଦାତାଙ୍କୁ ସୂଚନା ଦେଇଥିଲେ। ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଏହାର ଶୁଭାରମ୍ଭ କରାଯିବ ବୋଲି ବିଧାୟକ କହିଛନ୍ତି। ଏଥିସହିତ ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ମୁଖ୍ୟ



ଉନ୍ନୟନ କାର୍ଯ୍ୟ ସମୀକ୍ଷାରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

### ଗଞ୍ଜାମ ଏନ୍ଏସି

ନାଳର ପୁନରୁଦ୍ଧାର ଏବଂ ଦୁଇଟି ଟାଟା ଏସି ଗାଡ଼ି ବିଭିନ୍ନ ୱାର୍ଡରେ ବୁଲି ଆବର୍ଜନା ସଂଗ୍ରହ କରିବ ବୋଲି ଜିଲାପାଳଙ୍କ ସହ ଆଲୋଚନା ସରିଛି। ଖୁବଶୀଘ୍ର ତାହା କାର୍ଯ୍ୟକାରୀ ହେବ ବୋଲି କହିଥିଲେ। ମୋଟ ୨୪ଟି ପ୍ରକଳ୍ପ ମଧ୍ୟରୁ ୧୮ ପ୍ରକଳ୍ପ କାମ ସରିଥିବା ସମୀକ୍ଷାବେଳେ ବିଧାୟକ ଜାଣିବାକୁ ପାଇବାପରେ ବଳକା ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀ (ଭାରପ୍ରାପ୍ତ) ସୁନିଲ କୁମାର ଗୁଡୁଙ୍କୁ ପରାମର୍ଶ ଦେଇଛନ୍ତି। ଗଞ୍ଜାମ କଲେଜ ମୁଖ୍ୟ ଗେଟଠାରୁ ଶ୍ରେଣୀଗୃହକୁ ଉନ୍ନତମାନର ରାସ୍ତା ନିର୍ମାଣ କାର୍ଯ୍ୟ ଏକ ସପ୍ତାହ ମଧ୍ୟରେ ଆରମ୍ଭ ହେବ। ସ୍ଥାନୀୟ ଅଞ୍ଚଳବାସୀଙ୍କ ମୁଖ୍ୟ ସମସ୍ୟା ମେଡିକାଲରେ ସ୍ଥାୟୀ ଡ଼ାକ୍ତର ଏବଂ ଭାରତୀ ବିଦ୍ୟାପୀଠରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନଥିବା ଏବଂ ଘରପଟ୍ଟା, ରାଶନକାର୍ଡ ଆଦି ସମସ୍ୟା ସମାଧାନ ପାଇଁ ବିଧାୟକ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମୀକ୍ଷା ବେଳେ କିରାଣୀ ମିଳନ ମୋହନ ମୁର୍ମୁ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଲିଙ୍ଗରାଜ ପଟ୍ଟନାୟକ, ଜଗବନ୍ଧୁ ଦାଶ, ଅବସରପ୍ରାପ୍ତ ଅଧ୍ୟାପକ ଭିକାରୀ ବେହେରା, ପୂର୍ବତନ ସାଂସଦ ସୁଧୀର କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ବିଜ୍ଞାନ ପାଇଁ ପଦଯାତ୍ରା, ସ୍ଥାନ-ଖଲ୍ଲିକୋଟ କଲେଜ ସମ୍ମୁଖ, ସମୟ-ପୂର୍ବାହ୍ନ ୧୦ଟା।
- ଏଲ୍ଇଡି ଡିସ୍‌ପ୍ଲେ ବୋର୍ଡ଼ ଉଦ୍‌ଘାଟନ, ସ୍ଥାନ-ବ୍ରହ୍ମପୁର ବଡ଼ ମେଡ଼ିକାଲ୍, ସମୟ-ପୂର୍ବାହ୍ନ ୧୦ଟା।
- ଗଙ୍ଗାଧର ମେହେରଙ୍କ ଜୟନ୍ତୀ, ସ୍ଥାନ-ଏନ୍‌ଜିଓ ହଲ୍, ସମୟ-ସନ୍ଧ୍ୟା ୬ଟା।

**ଗୋପାଳପୁର**
- ମୋ ଗୋପାଳପୁର କାର୍ଯ୍ୟକ୍ରମ, ସ୍ଥାନ-ଗୋପାଳପୁର ବେଳାଭୂମି, ସମୟ-ସକାଳ ସାଢ଼େ ୫ଟା।

## ରବି ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**ବ୍ରହ୍ମପୁର ଅଫିସ,୮।୮:** ଗଞ୍ଜାମ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଗୁରୁବାର ସ୍ୱର୍ଗତ ରବି ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ତିଳତର୍ପଣ କରାଯାଇଥିଲା । ଅନ୍ନପୂର୍ଣ୍ଣା ବଜାର ଛକରେ ସ୍ଥାପିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସମୂହ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ନଗର କଂଗ୍ରେସ ସଭାପତି ପ୍ରମୋଦ କୁମାର ଜେନା, କଂଗ୍ରେସ କୃଷକ ସେଲ ମୁଖ୍ୟ ବୃନ୍ଦାବନ ଖଟେଇ, ଅଧାପକ ସୁରେନ୍ଦ୍ର ମହାପାତ୍ରଙ୍କ ସମେତ ଦଳମତ ନିର୍ବିଶେଷରେ ଅନେକ ଲୋକ ଯୋଗ ଦେଇଥିଲେ। ବାପୁଜୀ ଆଶ୍ରମରେ ହୋଇଥିବା ଶ୍ରଦ୍ଧାଞ୍ଜଳି ସଭାରେ ଛାତ୍ର କଂଗ୍ରେସ ଜିଲା ସଭାପତି ବିଜୟରାଜ ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ସୂଚନାଯୋଗ୍ୟ, ସ୍ୱର୍ଗତ ମହାପାତ୍ର ୭୦ ଦଶକରେ ଜିଲା ଛାତ୍ର କଂଗ୍ରେସର ମୁଖିଆ ଥିଲେ। ୧୯୭୪ ଅଗଷ୍ଟ ୮ରେ ସେ ରାଜନୈତିକ ହତ୍ୟାର ଶିକାର ହୋଇଥିଲେ।

## ବନ୍ଧୁତା ଦିବସ

**ବ୍ରହ୍ମପୁର ଅଫିସ୍,୮।୮:** ଇନରହ୍ୱିଲ୍ କ୍ଲବ ବ୍ରହ୍ମପୁର ପକ୍ଷରୁ ବୁଧବାର ସନ୍ଧ୍ୟାରେ ବନ୍ଧୁତା ଦିବସ ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଦସ୍ୟା ପି. ବାଣୀ ଏବଂ କେ. ମଞ୍ଜୁଳା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତଙ୍କ ଡ୍ରେସ୍ କୋଡ୍ କରାଯାଇଥିଲା। ସଭାନେତ୍ରୀ ସୋନାଲି ହାଜରା, ଅମିତା ଦାସ, ବନ୍ଦିତା ଦାସ, ପିଆର୍‌ଓ ରତ୍ନମଣି କଟନ୍, ସରିତା ଏବଂ ସଂଯୁକ୍ତା ସାହୁ ଉପସ୍ଥିତ ଥିଲେ।

■ ଛତ୍ରପୁରକୁ ଡିଇଓ କାର୍ଯ୍ୟାଳୟ ସ୍ଥାନାନ୍ତର ପ୍ରସଙ୍ଗ

# ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲା କ୍ରିୟାନୁଷ୍ଠାନ କମିଟି

**ବ୍ରହ୍ମପୁର ଅଫିସ୍, ୮।୮**

ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ବ୍ରହ୍ମପୁରରୁ ଛତ୍ରପୁରକୁ ସ୍ଥାନାନ୍ତର ପାଇଁ ରାଜ୍ୟ ସରକାର ଏବଂ ଜିଲାପାଳଙ୍କ ପ୍ରସ୍ତାବକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ବ୍ରହ୍ମପୁରର ବିଭିନ୍ନ ସଂଗଠନ ପକ୍ଷରୁ ଏହାକୁ ତୀବ୍ର ବିରୋଧ କରାଯାଉଛି। ଅନ୍ୟପଟେ ଏହି ପ୍ରସଙ୍ଗରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି ଗଞ୍ଜାମ ଜିଲା ମିଳିତ କ୍ରିୟାନୁଷ୍ଠାନ କମିଟି। ଜିଲାପାଳଙ୍କ ପ୍ରସ୍ତାବକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଡବ୍ଲୁପିସି ନଂ-୧୩୮୨୦/୧୯ରେ ଏକ ମାମଲା ରୁଜୁ କରାଯାଇଛି। ସ୍ଥିତାବସ୍ଥା ଜାରି କରିବା ପାଇଁ ପ୍ରାର୍ଥନା କରାଯାଇଛି। ଏଥିସହ ଜିଲାପାଳଙ୍କ ଚିଠି ରଦ୍ଦ କରିବା, ଡିପିସି କାର୍ଯ୍ୟାଳୟକୁ ଛତ୍ରପୁରରୁ ବ୍ରହ୍ମପୁରକୁ ସ୍ଥାନାନ୍ତର ସହ ଡିଇଓଙ୍କ କାର୍ଯ୍ୟାଳୟରେ ମିଶ୍ରଣ କରିବାକୁ ଆବେଦନ କରାଯାଇଥିବା ଗୁରୁବାର ଜିଲା ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। କମିଟି ସମ୍ପାଦକ ସୁରେନ୍ଦ୍ର ପାଣିଗ୍ରାହୀ, ରାଜେନ୍ଦ୍ର ପଣ୍ଡା, ସୂର୍ଯ୍ୟନାରାୟଣ ଦାସ, ବାସୁଦେବ ସାହୁକାର, ଜଗନ୍ନାଥ ପାଢୀ, ରମେଶ ଚନ୍ଦ୍ର ସାହୁ, ଅବନୀ କୁମାର ଗୟା, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଗୁରୁ ଚରଣ ପାତ୍ର, ରଜନୀକାନ୍ତ ମଣ୍ଡଳ, ଗିରିଜା ଶଙ୍କର ଶତପଥୀ, କିଶୋର ପାତ୍ର, ହୃଷୀକେଶ ପାତ୍ର ଓ ସଞ୍ଜୀବ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ କମିଟିର କର୍ମକର୍ତ୍ତା।

ଖବରଦାତା ସମ୍ମିଳନୀରେ କୁହାଯାଇଥିଲା, ଜିଲାର ଗ୍ରାମାଞ୍ଚଳଗୁଡ଼ିକରୁ ବ୍ରହ୍ମପୁରକୁ ବସ୍ ଯୋଗାଯୋଗ ସୁବିଧା ୮୫ପ୍ରତିଶତ ରହିଛି। ଛତ୍ରପୁରକୁ ମାତ୍ର ୧୫ପ୍ରତିଶତ ଯୋଗାଯୋଗ ସୁବିଧା ଅଛି। ଏଣୁ ବ୍ରହ୍ମପୁରରେ ହିଁ ଡିଇଓଙ୍କ କାର୍ଯ୍ୟାଳୟ ରହିବା ଉଚିତ। ଉକ୍ତ କାର୍ଯ୍ୟାଳୟ ଛତ୍ରପୁରକୁ ସ୍ଥାନାନ୍ତର ପାଇଁ ଜିଲାପାଳ ନିଜେ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଏହାକୁ ବ୍ରହ୍ମପୁରର ବିଭିନ୍ନ ସଂଗଠନ ବିରୋଧ କରିଥିଲା। ଏଣୁ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଛତ୍ରପୁରର କେତେକ ସଂଗଠନର କର୍ମକର୍ତ୍ତାଙ୍କୁ ପ୍ରବର୍ତ୍ତାଉଛନ୍ତି। ବ୍ରହ୍ମପୁରରୁ ଛତ୍ରପୁରକୁ କାର୍ଯ୍ୟାଳୟ ସ୍ଥାନାନ୍ତର ପାଇଁ ଦାବି କରିବାକୁ କୁହାଯାଉଛି। ପ୍ରଶାସନ ବର୍ତ୍ତମାନ ଜିଲାକୁ ଦୁଇଭାଗରେ ବିଭକ୍ତ କରିବାକୁ ଚେଷ୍ଟା କରୁଛି। ଯଦି ୨୪ଘଣ୍ଟା ମଧ୍ୟରେ ଜିଲାପାଳ ନିଜ ପ୍ରସ୍ତାବକୁ ପ୍ରତ୍ୟାହାର ନ କରନ୍ତି, ତେବେ ଜିଲାପାଳ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଆଶ୍ରୟ ନିଆଯିବ ବୋଲି ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି।

## ବରିଷ୍ଠ ନାଗରିକଙ୍କ ଟଙ୍କା ଝାମ୍ପି ନେଲେ ଦୁର୍ବୃତ୍ତ

**ବ୍ରହ୍ମପୁର ଅଫିସ,୮।୮**

ଗୁରୁବାର ଅପରାହ୍ନ ୪ଟାରେ ବ୍ରହ୍ମପୁର ଏସ୍‌ବିଆଇ ମୁଖ୍ୟ ଶାଖା ପରିସରରୁ ଜଣେ ବରିଷ୍ଠ ନାଗରିକଙ୍କ ହାତରୁ ଟଙ୍କା ଭର୍ତ୍ତି ବ୍ୟାଗଟିକୁ ଜଣେ ଦୁର୍ବୃତ୍ତ ଝାମ୍ପି ନେଇଛନ୍ତି। ବ୍ୟାଗରେ ୫୦ ହଜାର ଟଙ୍କା ଥିବା ଜଣାପଡ଼ିଛି। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ନଂ. ୧୫୫/୧୯ରେ ଏକ ମାମଲା ରୁଜୁ କରିଛି। ବ୍ୟାଙ୍କରେ ଖଞ୍ଜାଯାଇଥିବା ସିସିଟିଭି ଫୁଟେଜ ଯାଞ୍ଚ ବେଳେ ଜଣେ ନାବାଳକ ଏହି କାଣ୍ଡ ଘଟାଇଥିବା ପୋଲିସ ସନ୍ଦେହ କରୁଛି। ପ୍ରକାଶ ଯେ, ବରିଷ୍ଠ ନାଗରିକ ଆଙ୍କୁଲି ଶିଳ୍ପାଞ୍ଚଳର ଜି. ରାଧାକୃଷ୍ଣ ପାତ୍ର। ଗୁରୁବାର ସେ ଏସ୍‌ବିଆଇ ମୁଖ୍ୟ ଶାଖାରୁ ୫୦ ହଜାର ଟଙ୍କା ଉଠାଇଥିଲେ। ସେ ଉକ୍ତ ଟଙ୍କା ଏକ ବ୍ୟାଗରେ ଭର୍ତ୍ତି କରି ବ୍ୟାଙ୍କ ବାହାରକୁ ବାହାରିଥିଲେ। ଦୁର୍ବୃତ୍ତ ଜଣଙ୍କ ଟଙ୍କା ଭର୍ତ୍ତି ବ୍ୟାଗ ଝାମ୍ପି ଚମ୍ପଟ ମାରିଥିଲେ। ଫୁଟେଜରୁ ମିଳିଥିବା ସୂଚନାକୁ ଆଧାର କରି ସମ୍ପୃକ୍ତଙ୍କୁ ଧରାଯିବ ବୋଲି ଥାନାଧିକାରୀ ସନ୍ତୋଷିନୀ ଓରାମ ସୂଚନା ଦେଇଛନ୍ତି।

## ରନ୍ନେଶ୍ୱର ମନ୍ଦିରରେ ପଶିଲା ଡ୍ରେନ ପାଣି

**ବ୍ରହ୍ମପୁର ଅଫିସ୍, ୮।୮**

**ତହସିଲଦାରଙ୍କୁ ସ୍ମାରକପତ୍ର**

ଗତ ୩ ଦିନର ଲଗାଣ ବର୍ଷାରେ ବ୍ରହ୍ମପୁର ନିକଟ ବେଦାଳିଆ ଗ୍ରାମର ଡ୍ରେନ ପାଣି ନିଷ୍କାସନ ହୋଇ ନ ପାରି ପୁରାତନ ରନ୍ନେଶ୍ୱର ମନ୍ଦିରରେ ପଶିଛି। ସେଠାର ଥିବା ପାର୍ବତୀକୁଣ୍ଡ ବୁଡ଼ିଯାଇଛି। ଅଞ୍ଚଳବାସୀଙ୍କ ପକ୍ଷରୁ ଏହି ଅଭିଯୋଗ ହୋଇଛି ଏବଂ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି କରାଯାଇଛି। ବେଦାଳିଆ କୁକୁଡ଼ାଖଣ୍ଡି ତହସିଲ ଅନ୍ତର୍ଭୁକ୍ତ ହୋଇଥିବାରୁ ଦାବି ସମ୍ବଳିତ ସ୍ମାରକପତ୍ର ଗୁରୁବାର ତହସିଲଦାରଙ୍କୁ ଦିଆଯାଇଛି। ଏହାର ନକଲ ବିଧାନସଭା ବାଚସ୍ପତି, ଗଞ୍ଜାମ ଜିଲାପାଳ, ବ୍ରହ୍ମପୁର ଉପଜିଲାପାଳ, ବିଡିଓ ଏବଂ ଅନ୍ୟମାନଙ୍କୁ ପ୍ରଦାନ କରାଯାଇଥିବା ଗଣମାଧ୍ୟମକୁ କୁହାଯାଇଛି।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ମନ୍ଦିର ପାର୍ଶ୍ୱରେ ଡ୍ରେନ ପୋତି ହୋଇଯାଇଛି। ତେଣୁ ବର୍ଷା ହେଲେ ନିଷ୍କାସନ ହୋଇ ନ ପାରି ନାଳ ପାଣି ମନ୍ଦିର ପରିସରରେ ପଶୁଛି। ଏହାର ପୁନରୁଦ୍ଧାର ବା ପୁନଃ ନିର୍ମାଣ ପାଇଁ ବହୁବାର ଦାବି ହୋଇଥିଲେ ମଧ୍ୟ ସରକାରୀ କଳ ଆଖି ବୁଜି ଦେଇଛି। କେବଳ ମନ୍ଦିର ବେଢ଼ା ନୁହେଁ ବର୍ଷା ହେଲେ ରାସ୍ତା ଉପରେ କୃତ୍ରିମ ବନ୍ୟା ପରିସ୍ଥିତି ହେଉଛି। ଫଳରେ ସେହି ରାସ୍ତାରେ ଯାତାୟାତ କରୁଥିବା ୮ ରୁ ୧୦ ଖଣ୍ଡ ଗ୍ରାମବାସୀଙ୍କ ସମସ୍ୟା ବଢ଼ାଉଛି। ଡ୍ରେନ ଜବରଦଖଲକାରୀଙ୍କୁ ହଟାଇ ପୁନଃ ନିର୍ମାଣ ଲାଗି ଦାବି କରାଯାଇଛି।

## ଭାରୋତ୍ତୋଳକ ଭକ୍ତରାମ, ସୀତାଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ୍, ୮।୮**

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହୋଇଯାଇଥିବା ଯୁବ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନ୍‌ଶିପ୍‌ରେ ଭାରତରୁ ଅଂଶଗ୍ରହଣ କରିଥିବା ଭକ୍ତରାମ ଦେହୁରି ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ୪୯ କିଲୋ ଓଜନ ବର୍ଗରେ ଭାଗନେଇ ଏହି ସଫଳତା ହାସଲ କରିଥିଲେ। ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲା ଭାରୋତ୍ତୋଳନ ସଂଘ ପକ୍ଷରୁ ସ୍ଥାନୀୟ ରାଜସ୍ୱ ଡାକବଙ୍ଗଳା ସମ୍ମିଳନୀ କକ୍ଷରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଭକ୍ତରାମ ଏବଂ ତାଙ୍କ କୋଚ୍ ସୀତା ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଭୟଙ୍କୁ ମାନପତ୍ର, ଉପଢ଼ୌକନ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ବକ୍ତାମାନେ ଭୂୟସୀ ପ୍ରଶଂସା କରିଥିଲେ। ଜିଲା ସଂଘ ସଭାପତି ତଥା ରାଜ୍ୟ ଉପସଭାପତି କୁମୁଦ ଚନ୍ଦ୍ର ସାହୁ ଏଥିରେ ଅଧକ୍ଷତା କରିଥିଲେ। ରାଜ୍ୟ ସମ୍ପାଦକ ନାରାୟଣ ସାହୁ ଗଞ୍ଜାମ ଜିଲା ଭାରୋତ୍ତୋଳନ କ୍ଷେତ୍ରରେ ଅତୁଳନୀୟ ବୋଲି କହିବା ସହ ଏହି ପ୍ରକ୍ରିୟାକୁ ଆଗାମୀ ଦିନରେ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ବକ୍ତାମାନେ ବ୍ରହ୍ମପୁରରେ ଇଣ୍ଡୋର ଷ୍ଟାଡିୟମ, କ୍ରୀଡ଼ା ଏକାଡେମୀ ପ୍ରତିଷ୍ଠା ସହ ଜିଲା ଭାରୋତ୍ତୋଳନ ସଂଘର ଏକ ସ୍ଥାୟୀ କାର୍ଯ୍ୟାଳୟ ପାଇଁ ସରକାର ସହଯୋଗ କରନ୍ତୁ ବୋଲି ପ୍ରକାଶ କରିଥିଲେ। ଆସନ୍ତା ୨୫ ତାରିଖରେ ଜିଲା ଭାରୋତ୍ତୋଳନ ସଂଘର ବାର୍ଷିକ ପ୍ରତିଯୋଗିତା ଗୋଷାଣୀ ନୂଆଗାଁସ୍ଥିତ ଶଙ୍କର ମଠଠାରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜିଲାର ବିଭିନ୍ନ ବ୍ୟାୟାମକେନ୍ଦ୍ର ଏଥିରେ ଅଂଶଗ୍ରହଣ କରିବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟ ସଂଘ ସାଧାରଣ ସମ୍ପାଦକ ତଥା ସର୍ବଭାରତୀୟ ଉପସଭାପତି ନାରାୟଣ ସାହୁ, ଉପଦେଷ୍ଟା ରବି ରଥ, ଜିଲା ସମ୍ପାଦକ ଗାଗାରିନ ନାୟକ, ଜିଲା କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ଦାଶ, କୋଷାଧ୍ୟକ୍ଷ ଶୂନ୍ୟଚନ୍ଦ୍ର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା କ୍ରୀଡ଼ାଧିକାରୀ ଅକ୍ଷୟ ପଟ୍ଟନାୟକ, ରମେଶ ଚନ୍ଦ୍ର ପାଢ଼ୀ, ଏସ୍. ରାମାରାଓ, ରମେଶ ଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା ଓ ଉଦୟ ନାଥ ସେଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଭାରତ ବର୍ଷର ବର୍ଷିଆନ ମହିଳା ନେତ୍ରୀ ସୁଷମା ସ୍ୱରାଜଙ୍କ ବିୟୋଗରେ ସଂଘ ପକ୍ଷରୁ ଶୋକ ପ୍ରସ୍ତାବ ଆଗତ କରାଯାଇ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା।


ଭକ୍ତରାମ ଏବଂ ସୀତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଗଞ୍ଜାମ ଜିଲା:୧୦ ଟଙ୍କିଆ କଏନ ଚଳାଇବା ସମସ୍ୟା

**ବ୍ରହ୍ମପୁର ଅଫିସି,୮।୮:** ଗଞ୍ଜାମ ଜିଲାରେ ୧୦ ଟଙ୍କିଆ କଏନ ଏବେ ଅଚଳ ହୋଇପଡିଛି। ଯାହା ଏବେ ଲୋକଙ୍କ ମୁଣ୍ଡବ୍ୟଥା ବଢାଇବାରେ ଲାଗିଛି। ଲୋକେ ୧୦ ଟଙ୍କିଆ କଏନ ବଜାରକୁ ଧରି ଆସୁଛନ୍ତି ହେଲେ ନା ବେପାରୀ, କିମ୍ବା କୌଣସି ବ୍ୟବସାୟିକ ପ୍ରତିଷ୍ଠାନ ଏହାକୁ ଗ୍ରହଣ କରୁନାହାନ୍ତି। ଗୋଟିଏ ପଟେ ୧୦ ଟଙ୍କିଆ କଏନ ଅଚଳ ହୋଇପଡିଥିବା ଗୁଜବ ପ୍ରଚାରିତ ହେବା ପରେ ଏବେ ବେପାରୀଙ୍କ ପାଖରେ ଲକ୍ଷ ଲକ୍ଷ ଗଚ୍ଛିତ ରହିଛି। ଅନ୍ୟପଟେ ବ୍ୟାଙ୍କଗୁଡିକରେ ଏହି କଏନ ଗ୍ରାହକମାନେ ଜମା କରିବାକୁ ଗଲେ ତାହା ଗ୍ରହଣ କରୁନାହାନ୍ତି। ଫଳରେ ସମସ୍ୟା ଅଧିକ ଜଟିଳ ହୋଇଛି। ପେଟ୍ରୋଲ ପମ୍ପରେ ମଧ୍ୟ ୧୦ ଟଙ୍କିଆ କଏନ ନେଉ ନାହାନ୍ତି। ଏପରି ପରିସ୍ଥିତିରେ ବ୍ୟବସାୟୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦ୍ର ସରକାରଙ୍କ ବିମୁଦ୍ରୀକାରଣ ନିଷ୍ପତ୍ତି ପରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ନୂଆ ୫ ଶହ ଟଙ୍କିଆ, ୧୦୦ ଟଙ୍କିଆ ନୋଟ ଆସିବା ପରେ ପରିସ୍ଥିତିରେ ସୁଧାର ଆସିଥିବା ବେଳେ ୧୦ ଟଙ୍କିଆ କଏନ ଅଚଳ ବୋଲି ଗୁଜବ ସୃଷ୍ଟି ହୋଇଛି।



ଅନ୍ୟପକ୍ଷେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ) ତରଫରୁ ୧୦ ଟଙ୍କିଆ କଏନ ଅଚଳ ନୁହେଁ ବୋଲି ସୂଚନା ଦିଆଯାଇଥିଲା। କିନ୍ତୁ ବ୍ୟାଙ୍କଗୁଡିକ କଏନ ଗ୍ରହଣ କରୁ ନ ଥିବାରୁ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଛି। ଲକ୍ଷ ଲକ୍ଷ ଟଙ୍କାର କଏନ ବ୍ୟବସାୟୀଙ୍କ ପାଖରେ ଜମାହୋଇ ହୋଇ ରହିଛି। ସେହିପରି ସିଟି ବସ୍‌ରେ କଣ୍ଡକ୍ଟରଙ୍କୁ ଏହି କଏନ ଦେବା କିମ୍ବା ନେବା ବେଳେ ଉଭୟଙ୍କ ମଧ୍ୟରେ ଝଗଡା ହେଉଥିବା ଦେଖିବାକୁ ମିଳୁଛି।

ସୂଚନାଯୋଗ୍ୟ, ଗଞ୍ଜାମ ଜିଲା ବ୍ୟତୀତ ରାଜ୍ୟର ଅନ୍ୟ ସବୁ ଜିଲାରେ ୧୦ ଟଙ୍କିଆ କଏନ ପ୍ରଚଳନ ହେଉଛି। ତେଣୁ ଏହି ସମସ୍ୟା ଦିଗରେ ଦୃଷ୍ଟି ଦେଇ ଲୋକମାନଙ୍କ ପାଖରେ ଗଚ୍ଛିତ ହୋଇ ଥିବା କଏନ ଜମା ସମୟରେ ଗ୍ରହଣ କରିବାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏସ୍‌ବିଆଇ ଶାଖା ପ୍ରବନ୍ଧକ ବାଲ୍ମୀକି ପଣ୍ଡା କୁହନ୍ତି, ୧୦ ଟଙ୍କିଆ କଏନ ଅଚଳ ନୁହେଁ। ଯେ କୌଣସି ଜମାକାରୀ ଚାହିଁଲେ ୧୦ ଟଙ୍କିଆ କଏନ ବ୍ୟାଙ୍କରେ ତାଙ୍କ ଆକାଉଣ୍ଟରେ ଜମା କରିପାରିବେ। ଏନେଇ ବ୍ୟାଙ୍କ ତରଫରୁ କୌଣସି କଟକଣା ନାହିଁ ବୋଲି ସେ କହିଛନ୍ତି।

## ୧୦ ଲକ୍ଷ ଟଙ୍କାର ଗୁଟ୍‌ଖା ଜବତ

**ବ୍ରହ୍ମପୁର ଅଫିସ,୮।୮**

ବଡବଜାର ପୋଲିସ ଗୁରୁବାର ପାଣିଗ୍ରାହୀ ପେଣ୍ଠରେ ଥିବା ଏକ ଗୁଟ୍‌ଖା କାରଖାନାରେ ଚଢାଉ କରି ବିପୁଳ ପରିମାଣର ଗୁଟ୍‌ଖା ଜବତ କରିଛି। ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ କାରଖରାନାର କର୍ମଚାରୀ ପାଣିଗ୍ରାହୀପେଣ୍ଠର ହରିହର ଦାସ। ତାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି କହିଛନ୍ତି। ମାଲିକ ରାମଚନ୍ଦ୍ର ସାହୁ ଫେରାର ହୋଇଯାଇଛନ୍ତି। ଗୁରୁବାର ଉକ୍ତ ଗୁଟ୍‌ଖା କାରଖାନାରେ ଚଢାଉ ବେଳେ ସେଠାରୁ ପୋଲିସ ୧୦୫ ବସ୍ତା ଗୁଟ୍‌ଖା, ୨ ମେସିନ ଓ ଗୁଟ୍‌ଖା ପ୍ରସ୍ତୁତି ସରଞ୍ଜାମ ଜବତ କରିଛି। ଉକ୍ତ ୧୦୫ ବସ୍ତା ଗୁଟ୍‌ଖା ବିକ୍ରି କରିବା ପାଇଁ ସେଠାରେ ମହଜୁଦ ଥିଲା ବୋଲି ପୋଲିସ କହିଛି। ଏହା ବ୍ୟତୀତ ଉକ୍ତ କାରଖାନାରେ ୧୦ ପ୍ରକାର ଗୁଟ୍‌ଖା ପ୍ରସ୍ତୁତ ହେଉଥିବା ନେଇ ପୋଲିସ ସୂଚନା ଦେଇଛି। ଜବତ ଗୁଟ୍‌ଖାର ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। କାରଖାନା ମାଲିକ ରାମଚନ୍ଦ୍ର ସାହୁ ଚଢାଉ ବେଳେ ସେଠାରୁ ଖସି ପଳାଇଯାଇଥିବା ପୋଲିସ ସୂଚନା ଦେଇଛି। ଏନେଇ ନଂ.୧୭୬/୧୯ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ମାଲିକ ରାମଚନ୍ଦ୍ରଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।


ଗୁଟ୍‌ଖା କାରଖାନାରେ ପୋଲିସର ଚଢାଉ।

**ଜଣେ ଗିରଫ, ମାଲିକ ଫେରାର**

## ରାଜ୍ୟ ଦଳ ଚୟନ ଶିବିରରେ ଗଞ୍ଜାମରୁ ୬ ଖେଳାଳି

**ବ୍ରହ୍ମପୁର ଅଫିସ୍,୮।୮**

କଟକରେ ଶୁକ୍ରବାରରୁ ଓଡ଼ିଶା ୧୬ ବର୍ଷରୁ କମ୍ କ୍ରିକେଟ ଦଳ ଚୟନ ପାଇଁ ଶିବିର ଆୟୋଜିତ ହେଉଛି। ଏଥିରେ ଭାଗନେବା ପାଇଁ ଗଞ୍ଜାମ ଦଳରୁ ୬ଜଣ ଖେଳାଳି ମନୋନୀତ ହୋଇଛନ୍ତି। ସେମାନେ ହେଲେ ଆହ୍ୱାନ ପଟ୍ଟନାୟକ, ଦୀପକ ଦାସ, ଅମିତ କୁମାର ସାହୁ, ଅଭିଶେକ ପଟ୍ଟନାୟକ, ବିଭୁ ପ୍ରସାଦ ନାୟକ ଏବଂ ଅମିତ ପଟ୍ଟନାୟକ। ଜିଲା କ୍ରିକେଟ ସଂଘ ପକ୍ଷରୁ ଏହି ଖେଳାଳି ଚୟନ କରାଯାଇଛି। ପୂର୍ବରୁ ଆନ୍ତଃ ଜିଲା ପ୍ରତିଯୋଗିତାରୁ ରାଜ୍ୟ ଦଳ ପାଇଁ ଖେଳାଳିଙ୍କୁ ଚୟନ କରାଯାଉଥିଲା। କିନ୍ତୁ ବର୍ତ୍ତମାନ ଜିଲାଗୁଡ଼ିକରୁ ବଛାବଛା ଖେଳାଳିଙ୍କୁ ନେଇ ରାଜ୍ୟସ୍ତରୀୟ ଚୟନ ଶିବିର ଅନୁଷ୍ଠିତ ହେଉଛି। ସେଠାରେ ରାଜ୍ୟ ଦଳ ପାଇଁ ଖେଳାଳିଙ୍କୁ ଚୟନ କରାଯାଉଛି। ଫଳରେ ପୂର୍ବରୁ ଜିଲାସ୍ତରୀୟ ପ୍ରତିଯୋଗିତାରେ ପ୍ରତିଭା ଦେଖାଇବାକୁ ସୁଯୋଗ ପାଉଥିବା ଖେଳାଳିମାନେ ଏଥିରୁ ବଞ୍ଚିତ ହେଉଛନ୍ତି।


ଗଞ୍ଜାମ ଦଳର ଖେଳାଳିମାନେ।

■ ଯୁକ୍ତ ୩ ବ୍ୟାକ ଫଳ ପ୍ରକାଶ ବିଳମ୍ବ ପ୍ରସଙ୍ଗ

## ଆରଡିସିଙ୍କୁ ଭେଟିଲେ ଛାତ୍ରୀଛାତ୍ର

**ବ୍ରହ୍ମପୁର ଅଫିସ୍, ୮।୮**

ଯୁକ୍ତ ୩ ଦ୍ୱିତୀୟ ଓ ତୃତୀୟ ସେମିଷ୍ଟର ବ୍ୟାକ ପେପର ଫଳ ପ୍ରକାଶନରେ ବିଳମ୍ବକୁ ନେଇ ଗୁରୁବାର ଆରଡିସିଙ୍କ ଦ୍ୱାରସ୍ଥ ହୋଇଛନ୍ତି ଛାତ୍ରୀଛାତ୍ର। ବୁଧବାର ଏହାର ସମାଧାନ ଦିଗରେ ସ୍ନାତକୋତ୍ତର ପରିଷଦ ଅଧକ୍ଷା ପ୍ରଫେସର ଅରୁନ୍ଧତୀ ରଥ ଅସାମର୍ଥ୍ୟତା ପ୍ରକାଶ କରିବା ପରେ ଛାତ୍ରୀଛାତ୍ରମାନେ ଆରଡିସି ତଥା ଭାରପ୍ରାପ୍ତ କୁଳପତି ଟି. ଆଓଙ୍କୁ ସାକ୍ଷାତ କରିଛନ୍ତି। ପ୍ରକାଶ ପାଇଥିବା ମେରିଟ୍ ଲିଷ୍ଟକୁ ବାତିଲ କରି ବ୍ୟାକ ପେପର ପରୀକ୍ଷାଫଳ ପ୍ରକାଶ ପରେ ତାଲିକା ପ୍ରକାଶ କରିବାକୁ ସେମାନେ ଅନୁରୋଧ କରିଥିଲେ। ଏନେଇ ଏକ ଦାବିପତ୍ର ଛାତ୍ରୀଛାତ୍ରମାନେ ଆରଡିସିଙ୍କୁ ପ୍ରଦାନ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ଜଣାଇବାକୁ ଆରଡିସି କହିଥିବା ଛାତ୍ରୀଛାତ୍ରମାନେ କହିଛନ୍ତି।

ସୂଚନାଯୋଗ୍ୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନ ମହାବିଦ୍ୟାଳୟରେ ଯୁକ୍ତ ୩ ପାଠ୍ୟକ୍ରମରେ ଅଧ୍ୟୟନରତ ଦ୍ୱିତୀୟ ଓ ତୃତୀୟ ସେମିଷ୍ଟର ଛାତ୍ରୀଛାତ୍ରଙ୍କ ବ୍ୟାକ ପେପର ଫଳ ପ୍ରକାଶରେ ବିଳମ୍ବ ହୋଇଛି। ପରୀକ୍ଷାର ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ମଧ୍ୟ ଫଳ ପ୍ରକାଶ ପାଇନାହିଁ। ଫଳରେ ଏହାକୁ ନେଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜୁଲାଇ ୨୪ରେ କୁଳସଚିବ ଓ ପରୀକ୍ଷା ନିୟନ୍ତ୍ରକଙ୍କୁ ଘେରାଉ କରିବା ସମୟରେ ଉଭୟ ପରୀକ୍ଷାଫଳ ପ୍ରକାଶ ପରେ ମେରିଟ୍ ଲିଷ୍ଟ ବାହାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏହାର ପରୀକ୍ଷା ଫଳ ପ୍ରକାଶ ପୂର୍ବରୁ ବୁଧବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ମେରିଟ୍ ଲିଷ୍ଟ ବାହାର କରାଯାଇଥିଲା। ଏହାପରେ ପୁଣି ବୁଧବାର ଛାତ୍ରୀଛାତ୍ରମାନେ ସ୍ନାତକୋତ୍ତର ପରିଷଦ ଅଧକ୍ଷା ପ୍ରଫେସର ରଥଙ୍କ କାର୍ଯ୍ୟାଳୟ ଆଗରେ ଧରଣା ଦେଇଥିଲେ। କିନ୍ତୁ ଅଧକ୍ଷା ଏଥିପାଇଁ ନିଜକୁ ଅସମର୍ଥ କହିବା ସହ ଆରଡିସିଙ୍କୁ ସାକ୍ଷାତ କରିବାକୁ ପରାମର୍ଶ ଦେଇଥିଲେ।

ଆରଡିସିଙ୍କୁ ସାକ୍ଷାତ ପରେ ମଧ ସମାଧାନ ଦିଗରେ କୌଣସି ପ୍ରତିଶ୍ରୁତି ମିଳିପାରି ନ ଥିବା ପରୀକ୍ଷାର୍ଥୀମାନେ କହିଛନ୍ତି। ଫଳରେ ଆଗାମୀ ଦିନରେ ଏ ଦିଗରେ ପଦକ୍ଷେପ ନ ନେଲେ କୋର୍ଟ ଦ୍ୱାରସ୍ଥ ହେବା ନେଇ ମଧ ଛାତ୍ରୀଛାତ୍ରମାନେ ଚେତାବନୀ ଦେଇଛନ୍ତି। ଆରଡିସିଙ୍କୁ ଦାବିପତ୍ର ପ୍ରଦାନ ବେଳେ ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସମ୍ପାଦକ ଭବାନୀକାନ୍ତ ସାହୁଙ୍କ ସମେତ ପୂର୍ଣ୍ଣଚନ୍ଦ୍ର ନାୟକ, ପିନାକ ପଟ୍ଟନାୟକ, ରଜତ ସାଶମଲ, ସୋନୁ ସୋନମ ସାହୁ, ପ୍ରଦୀପ ଜାଲି ପ୍ରମୁଖ ଉପସ୍ଥିତ ଥିଲେ।


ଆରଡିସିଙ୍କ ସହ ଛାତ୍ରୀଛାତ୍ର ଆଲୋଚନା କରୁଛନ୍ତି।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶୁକ୍ରବାର, ଅଗଷ୍ଟ ୯/୨୦୧୯ Berhampur, Friday, August 9/2019


## ସଂକ୍ଷେପରେ

### ଛାତ୍ର କଂଗ୍ରେସର ୧୭ ଜଣିଆ କମିଟି ଗଠିତ

ବ୍ରହ୍ମପୁର ଅଫିସ,୮।୮-ଗଞ୍ଜାମ ଜିଲା ଛାତ୍ର କଂଗ୍ରେସର ୧୭ଜଣିଆ ଷ୍ଟିୟରିଂ (ପରିଚାଳନା) କମିଟି ଗଠନ ହୋଇଛି। ଜିଲା ସଭାପତି ବିଜୟରାଜ ପାଣିଗ୍ରାହୀ ଗୁରୁବାର ଏହି ସୂଚନା ଦେଇଛନ୍ତି । ସଂଗଠନର ନୂଆ କର୍ମକର୍ତ୍ତା ଚୟନ ହେବା ପର୍ଯ୍ୟନ୍ତ ଉକ୍ତ କମିଟି ସମସ୍ତ କାର୍ଯ୍ୟ ସମ୍ପାଦନା କରିବ ବୋଲି କୁହାଯାଇଛି । ପ୍ରଦେଶ ଛାତ୍ର କଂଗ୍ରେସ ନିର୍ଦ୍ଦେଶରେ ଏହା କରାଯାଇଥିବା ସଭାପତି ଦର୍ଶାଇଛନ୍ତି । ୧୭ ଜଣଙ୍କ ମଧ୍ୟରେ ଜଗନ୍ନାଥ ପଲେଇ, ରାଜୀବ ଖୁଣ୍ଟିଆ, ସୁବୋଧ ସ୍ୱାଇଁ, ନୀତୀଶ ମହାପାତ୍ର, ଯୋଗେନ୍ଦ୍ର ରାଉତ, ପତିତପାବନ ଗନ୍ତାୟତ, ମନୋରଞ୍ଜନ ସାହୁ, ରୁଦ୍ର ପ୍ରସାଦ ଖଟୁଆ, ତନ୍ମୟ କୁମାର ନାୟକ, ଟି. ସୁବୁଦ୍ଧି, ବି. ତେଜେଶ୍ୱର ରାଓ, ଏକେ ରାଉତ, ସନ୍ଦୀପ ସ୍ୱାଇଁ, ବି. ଦୀପଙ୍କର ପାତ୍ର, ତପନ ପାଣିଗ୍ରାହୀ ଓ ଶଙ୍କର ସାହୁ ପ୍ରମୁଖ ଅଛନ୍ତି । ଜିଲା ସୋସିଆଲ ମିଡିଆ ଦାୟିତ୍ୱ ତନ୍ମୟ ନାୟକଙ୍କୁ ଏବଂ ରୁଦ୍ର ପ୍ରସାଦଙ୍କୁ ଅଫିସ ଦାୟିତ୍ୱ ଦିଆଯାଇଛି ।

### ଭୋଟର ତାଲିକା ସଂଶୋଧନ ତାଲିମ

ବେଗୁନିଆପଡ଼ା,୮।୮(ଡି.ଏନ.ଏ.)- ଭୋଟର ତାଲିକା ସଂଶୋଧନ ପାଇଁ ବେଗୁନିଆପଡ଼ା ବ୍ଲକରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଅଗଷ୍ଟରେ ଏହି ଭୋଟର ତାଲିକାକୁ ସଂଶୋଧନ କରାଇବା ସହ ସେପ୍ଟେମ୍ବର ମାସରେ ଏହାର ପୁଣି ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇ ଅକ୍ଟୋବର ୧୫ ତାରିଖରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ଯାଇ ଏହି ଭୋଟର ସର୍ଭେ ସହ ଯୋଗ କିମ୍ବା ବିୟୋଗ ତାଲିକାକୁ ପ୍ରସ୍ତୁତି କରିବା ପାଇଁ ନିର୍ଦ୍ଦେଶ ରହିଛି। ଏହି ପ୍ରସ୍ତୁତି ବୈଠକରେ ବିଡିଓ ଅରୁଣ କୁମାର ମଲିକ, ଅତିରିକ୍ତ ବିଡିଓ ପ୍ରଦୀପ କୁମାର ପଣ୍ଡା ଓ ଜିପିଇଓ ନାରାୟଣ ବେହେରାଙ୍କ ସମେତ ସମସ୍ତ ବିଏଲଓ ଉପସ୍ଥିତ ଥିଲେ।

### ପୋଲିସ, ଅବକାରୀ ବିଭାଗର ଚଢ଼ାଉ ମଦ ଜବତ, ୨ ଗିରଫ

ଦିଗପହଣ୍ଡି,୮।୮(ଡି.ଏନ.ଏ.)-ଦିଗପହଣ୍ଡି ପୋଲିସ ଗୁରୁବାର ବୁରିପଦର ଗ୍ରାମର ନିଲାଞ୍ଚଳ ଗୌଡଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବୁଧବାର ରାତି ପ୍ରାୟ ୮ଟାରେ ଏଏସଆଇ ଦିଲୀପ କୁମାର ସାହୁ ସଦଳବଳ ଚଢ଼ାଉ କରି ନୀଳାଞ୍ଚଳଙ୍କ ଦୋକାନରୁ ୧୮ଟି ଦେଶୀ ମଦ ପାଉଚ ଜବତ କରିଥିଲେ। ନଂ.୧୪୩/୧୯ରେ ମାମଲା ରୁଜୁକରି ଗିରଫ କରାଯାଇଥିଲା। ସେହିପରି ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଦିଗପହଣ୍ଡି ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ନିକଟ ବିଶ୍ୱାସରାୟ ପୋଖରୀ ଗଳିରେ ବେଆଇନ ଭାବେ ଦେଶୀମଦ ବିକ୍ରି କରୁଥିବା କ୍ୟାବିନ ଉପରେ ଚଢ଼ାଉ କରାଯାଇ ୮୪ ପ୍ୟାକେଟ ଦେଶୀମଦ ପାଉଚ ଜବତ କରାଯାଇଥିଲା। ମଦ ବିକ୍ରି ଅଭିଯୋଗରେ ଦିଗପହଣ୍ଡି ଆଠଗଡିଆ ସାହିର କାଳିଆ ସେଠୀଙ୍କୁ ଗିରଫ କରାଯାଇଥିଲା। ପ୍ରକାଶ ଯେ, କାଳିଆ ଉକ୍ତ ସ୍ଥାନରେ ଦୀର୍ଘଦିନ ହେଲା ଦେଶୀମଦ ବିକ୍ରି କରୁଥିବା ନେଇ ଅଞ୍ଚଳବାସୀ ଗଞ୍ଜାମ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଗିରଫ ଅଭିଯୁକ୍ତଙ୍କୁ ଅବକାରୀ ମାମଲା ନଂ.୨୩/୧୯-୨୦ରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି।

■ ବର୍ଷାପାଣିରେ ବୁଡ଼ି ରହିଛି ଧାନ ଫସଲ

# ବ୍ୟାପକ କ୍ଷତି ଆଶଙ୍କା, ତହସିଲଦାରଙ୍କୁ ଅଭିଯୋଗ


ଚାଷୀ ଓ ଅନ୍ୟମାନେ ଅଭିଯୋଗ କରି ଫେରୁଛନ୍ତି।

ଛତ୍ରପୁର,୮।୮(ଡି.ଏନ.ଏ.)

ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ୨ ଦିନ ଧରି ଲଗାଣ ବର୍ଷା ଫଳରେ ଛତ୍ରପୁର ବ୍ଲକର ବିଭିନ୍ନ ପଞ୍ଚାୟତର ଧାନ ଫସଲ ପାଣିରେ ବୁଡ଼ି ରହିଛି। ଫଳରେ ବ୍ୟାପକ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ବର୍ଷା ପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ଏପରିକି ରୁଆ ହୋଇଥିବା ଫସଲ ଓ ତଳି ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଧାନ ଜମିରେ ୨ ଫୁଟ୍ ପାଣି ଥିବା ଦେଖିବାକୁ ମିଳିଛି। ଜୟମଙ୍ଗଳ କେନାଲର ତଳିଆ ଅଞ୍ଚଳ ବରଙ୍ଗ, ମାଧପୁର, ପୋଢ଼ଲାମପୁର ଗାଁରେ ଥିବା ଜମିଗୁଡିକ ଜଳମଗ୍ନ ହୋଇରହିଛି। ପାଣି ନିଷ୍କାସନ ହୋଇ ନ ପାରି ଧାନ ଫସଲ ନଷ୍ଟ ହେଉଛି। ଦୀର୍ଘ ବର୍ଷ ହେଲା ଏଠାରେ ଜଳ ନିଷ୍କାସନ ସମସ୍ୟା ଲାଗି ରହୁଥିଲେ ମଧ୍ୟ ଜଳସେଚନ ବିଭାଗ ଏହାର ସ୍ଥାୟୀ ସମାଧାନ କରୁ ନ ଥିବା ସ୍ଥାନୀୟ ଚାଷୀ କହିଛନ୍ତି। ସେହିପରି ରାଜନପଲ୍ଲୀ, ଗେଦଲପଲୀ, ହୁମ୍ମର, ପୋଡାପଦର, ଗଞ୍ଜାମ ବ୍ଲକ ରାଜପୁର, କାଟରା ଆଦି ଗାଁର ଜମିଗୁଡିକ ବର୍ଷା ହେଲେ ପାଣି ଜମି ରହି ଫସଲ ନଷ୍ଟ ହେଉଛି। ବରଙ୍ଗ, ମାଧପୁର ଓ ପୋଢ଼ଲାମପୁରର ଜଳ ନିଷ୍କାସନ ପାଇଁ ଚେକ୍ ଡ୍ୟାମ୍ ସମ୍ପ୍ରସାରଣ କରିବାକୁ ଦାବି ହୋଇଛି। ନରସିଂଙ୍ଗ ପୋଖରୀର ପୁନରୁଦ୍ଧାର କରି ଚେକ୍ ଡ୍ୟାମ୍ କରିବାକୁ ଋଷିକୁଲ୍ୟା ରୟତ ମହାସଭା ଦାବି କରିଛି। ହୁମ୍ମର କେନାଲ ପୋତି ହୋଇ ଅମରିବଣ ହୋଇଯାଇଥିବାରୁ ବନ୍ୟା ଜଳ ନିଷ୍କାସନ ହୋଇପାରୁନି। ଏଥିଲାଗି ହୁମ୍ମର କେନାଲର ପୁନରୁଦ୍ଧାର କରିବାକୁ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ ଦାବି କରିଛନ୍ତି। ଧାନ ଜମିରୁ ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ବିପୁଲିଙ୍ଗି ପଞ୍ଚାୟତର କେତେକ ଚାଷୀ, ସମିତିସଭ୍ୟ ଜୟଦେବ ଲେଙ୍କା, ଋଷିକୁଲ୍ୟା ରୟତ ମହାସଭା ସମ୍ପାଦକ ଓ ସଦସ୍ୟ, ପୂର୍ବତନ ସମିତିସଭ୍ୟ କ୍ଷୀରୋଦ ଚନ୍ଦ୍ର ସାହୁ ପ୍ରମୁଖ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ପରେ ଚାଷୀମାନେ ଛତ୍ରପୁର ତହସିଲଦାର ନୀଳମାଧବ ଭୋଇଙ୍କୁ ମଧ୍ୟ ଭେଟି ଏ ସମ୍ପର୍କରେ ଜଣାଇଥିଲେ।

■ ଜିଲାସ୍ତରୀୟ ଜାତୀୟ କୃମିନାଶ ଦିବସ

# ୭ଲକ୍ଷ ୩୪ହଜାର ଶିଶୁ ଖାଇବେ ଔଷଧ

ବ୍ରହ୍ମପୁର ଅଫିସ,୮।୮

ଗୋଳନ୍ଥରା ବିଜୁ ଆଦର୍ଶ ବିଦ୍ୟାଳୟରେ ଗୁରୁବାର ଜିଲାସ୍ତରୀୟ ଜାତୀୟ କୃମିନାଶ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗ ଦେଇ ବିନା ଭୟ ଏବଂ ଦ୍ୱନ୍ଦ୍ୱରେ ସମସ୍ତ ଶିଶୁ ଯେଭଳି ଏହି ଔଷଧ ଖାଇବେ ସେ ନେଇ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଔଷଧ ଖୁଆଇ ଜିଲାପାଳ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ପରିକ୍ଷିତ ସେଠୀ, ଏଡିପିଏଚ୍‌ଓ(ଭିବିଡ଼ି) ଡା. ଆର୍. ଜଗଦୀଶ ପଟ୍ଟନାୟକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରକଳ୍ପ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ, ଏଡିପିଏଚ୍‌ଓ(ପରିବାର କଲ୍ୟାଣ) ଡା. ଭି.ସରୋଜିନୀ ଦେବୀ, ଜିଲା କୁଷ୍ଠ ଅଧିକାରୀ ଡା. ତୃପ୍ତିଲତା ମହାପାତ୍ର, ଜିଲା ଟିବି ଅଧିକାରୀ ଡା. ମନୋଜ କୁମାର ପଣ୍ଡା, ଡିଏମ୍‌ଆର୍‌ସିଏଚ୍ ଶକ୍ତି କୁମାର ଦିଗାଲ୍ ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ଗୋଲକ ବିହାରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜିଲାରେ ୧ମରୁ ୧୯ ବର୍ଷ ପର୍ଯ୍ୟନ୍ତ ୭ଲକ୍ଷ ୩୪ ହଜାର ୧୨୦ ଶିଶୁଙ୍କୁ ଔଷଧ ଖୁଆଇବାକୁ ଲକ୍ଷ୍ୟ ରଖାଯାଇଛି ।



ଜଣେ ଶିଶୁଙ୍କୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଔଷଧ ଖୁଆଉଛନ୍ତି।

# ଅଧ୍ୟାପକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ହିଞ୍ଜିଳିକାଟୁ,୮।୮(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ମାଣିକ ନଗରରେ ଘର ଭଡ଼ା ନେଇ ରହୁଥିବା ଜଣେ ଅଧ୍ୟାପକଙ୍କ ଝୁଲନ୍ତା ମୃତଦେହକୁ ଗୁରୁବାର ପୂର୍ବାହ୍ନରେ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଭଦ୍ରକ ଜିଲା ଅନ୍ତର୍ଗତ ଦୋସିଙ୍ଗା ଗ୍ରାମର ରାଜେନ୍ଦ୍ର କୁମାର ଭୂୟାଁ (୨୯)। ସେ କଙ୍କୋରଡ଼ା କଲେଜରେ ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ଥିଲେ। ରାଜନ୍ଦ୍ର ଭଡ଼ା ଘର ଉପର ମହଲାରେ ଏକାକୀ ରହୁଥିଲେ। ଘର ଭିତରପଟୁ ବନ୍ଦ ଥିବା ସେଠାରୁ ଦୁର୍ଗନ୍ଧ ବାହାରୁଥିବା ଗୁରୁବାର ଘରମାଲିକ ଜାଣିବା ପରେ ପୋଲିସରେ ଖବର ଦେଇଥିଲେ। ପୋଲିସ ପହଞ୍ଚି ମାଜିଷ୍ଟ୍ରେଟ ତଥା ତହସିଲଦାର ଗୋପୀନାଥ କୁଅଁରଙ୍କ ଉପସ୍ଥିତିରେ ଘର କବାଟ ଭାଙ୍ଗି ଫ୍ୟାନରେ ଗାମୁଛା ବନ୍ଧାଯାଇ ଝୁଲନ୍ତା ଅବସ୍ଥାରେ ଥିବା ରାଜେନ୍ଦ୍ରଙ୍କ ମୃତଦେହକୁ ଜବତ କରିଥିଲା। ଏହା ଆତ୍ମହତ୍ୟା ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପ୍ରାୟ ୩ ଦିନ ହେଲା ରାଜେନ୍ଦ୍ର କଲେଜକୁ ଯାଉ ନ ଥିଲେ। ୨/୩ ଦିନ ତଳେ ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପୋଲିସ ଅନୁମାନ କରୁଥିଲେ ମଧ୍ୟ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ। ରାଜେନ୍ଦ୍ରଙ୍କ ପରିବାର ଲୋକ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଆଇଆଇସି ଅଭିମନ୍ୟୁ ଦାଶ ପ୍ରକାଶ କରିଛନ୍ତି।

# ନାଳରେ ଭାସି ଯାଇଥିବା ଧୀବରଙ୍କ ପତ୍ତା ମିଳୁନି

ବୁଗୁଡ଼ା,୮।୮(ଡି.ଏନ.ଏ.)

ବୁଗୁଡ଼ା ଥାନା କଞ୍ଚୁରୁ ଗ୍ରାମର ଦୀନବନ୍ଧୁ ବେହେରା ନାମକ ଜଣେ ଧୀବର ମାଛ ଧରିବାକୁ ଯାଇ ବୁଧବାର ନାଳରେ ଭାସି ଯାଇଥିଲେ। ଗୁରୁବାର ସୁଦ୍ଧା ତାଙ୍କର କୌଣସି ପତ୍ତା ମିଳିନାହିଁ। ପ୍ରକାଶ ଯେ, ବୁଧବାର ଦୀନବନ୍ଧୁ ମାଛ ଧରିବାକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଦୁର୍ଘଟଣା ଆଶଙ୍କାରେ ଅଗ୍ନିଶମ ବିଭାଗକୁ ଜଣାଇବା ପରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ରାତି ପ୍ରାୟ ୧୦ଟା ପର୍ଯ୍ୟନ୍ତ ନାଳରେ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ପାଇ ନ ଥିଲେ। ଗୁରୁବାର ଖୋଜାଖୋଜି କରାଯାଇଥିବା ଜଣାପଡିଛି। ଅତିରିକ୍ତ ତହସିଲଦାର ସଂଗ୍ରାମ କେଶରୀ ଜେନା, ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ପହଞ୍ଚି ଅନୁସନ୍ଧାନ ଜାରି ରଖିଛନ୍ତି। ଖବର ଲେଖିବା ସୁଦ୍ଧା ନିଖୋଜ ଧୀବରଙ୍କ ପତ୍ତା ମିଳିନଥିବା ଅଗ୍ନିଶମ ଅଧିକାରୀ ଉମାଚରଣ ଭଟ୍ଟମିଶ୍ର କହିଛନ୍ତି।

## ଶିଶୁ ଶ୍ରମିକ ଉଦ୍ଧାର

ପାତ୍ରପୁର,୮।୮(ଡି.ଏନ୍.ଏ.)

ଜରଡ଼ା ଥାନା ପକ୍ଷରୁ 'ପରି' ଅଭିଯାନରେ ଗୁରୁବାର ୧୨ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ଜିଲା ପ୍ରଶାସନ ଓ ଜରଡ଼ା ପୋଲିସ ପକ୍ଷରୁ ଜରଡ଼ା ଥାନା ଇଲାକାରେ ଥିବା ବିଭିନ୍ନ ଦୋକାନ, ହୋଟେଲ୍ ଓ ବ୍ୟବସାୟ ପ୍ରତିଷ୍ଠାନରେ ଚଢ଼ାଉ କରି ୧୨ ଜଣଙ୍କୁ ଉଦ୍ଧାର କରିଛି । ସମସ୍ତ ଶିଶୁ ଶ୍ରମିକଙ୍କୁ ବ୍ରହ୍ମପୁର ଶିଶୁ ବିକାଶ ପ୍ରତିଷ୍ଠାନକୁ ପଠାଇ ଦିଆଯାଇଛି।

# ରାଜସ୍ୱ ସଚେତନତା, ସେବା ଶିବିର

ଆର.ଉଦୟଗିରି/ରାମଗିରି, ୮।୮(ଡି.ଏନ.ଏ.)

ଆର.ଉଦୟଗିରି ତହସିଲ ଅନ୍ତର୍ଗତ ଟବାରସିଂ ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ତହସିଲ ପକ୍ଷରୁ ରାଜସ୍ୱ ସଚେତନତା ଓ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର.ଉଦୟଗିରି ତହସିଲଦାର ସ୍ମୃତିରଞ୍ଜନ ଶତପଥୀ ଅଧ୍ୟକ୍ଷତା କରିଥିବା ବେଳେ ଟବାରସିଂ ସରପଞ୍ଚ ମହେଶ୍ୱର ମଣ୍ଡଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶିବିରରେ ପଞ୍ଚାୟତର ମଟୁ, ଅନରସିଂ, ରାଇକାସାହି ଓ ପଣସଡ଼ିଅ ଗ୍ରାମରୁ ପ୍ରାୟ ୧୦୦ ଲୋକ ଯୋଗଦେଇ ନିଜ ନିଜ ସମସ୍ୟା ଜମି ଦାଖଲ ଖାରଜ, ଭାଗବଣ୍ଟା, କିସମ ପରିବର୍ତ୍ତନ ଆଦି ଜଣାଇଥିଲେ। ପ୍ରାୟ ୬୫ଟି ଆବେଦନ ଗ୍ରହଣ କରିଥିଲେ ତହସିଲ କର୍ମଚାରୀବୃନ୍ଦ। ଅତିରିକ୍ତ ତହସିଲଦାର ଶିବାଶିଷ ପଣ୍ଡାଙ୍କ ସମେତ ରାଜସ୍ୱ ପରିଦର୍ଶକ ନିରଞ୍ଜନ ସ୍ୱାଇଁ, ରାଜସ୍ୱ ନିରୀକ୍ଷକ ଜାଗିଲି ମଲିକ, ଯୋଗେନ୍ଦ୍ର କାର୍ଯ୍ୟୀ, ଅଭିମନ୍ୟୁ ମଲିକ, ବାବୁଲା ସେଠୀ, ଦେବେନ୍ଦ୍ର ବେହେରା, ଧନ ସେଠୀ, ଆଲୋକ ଦଳାଇ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।


ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

■ ପୋଲିସ ଉପରକୁ ଗୁଳି, ବୋମାମାଡ଼ ଘଟଣା

# ଫେରାର ଅଭିଯୁକ୍ତ କାଲୁ ଗିରଫ, ବୋମା ଜବତ

ଆସିକା,୮।୮(ଡି.ଏନ୍.ଏ.):

ଆସିକା-ବାଲିପଦର ମୁଖ୍ୟରାସ୍ତାର ଚାରିମଇଲି ନିକଟରେ ପୋଲିସ ସୋମବାର ଭୋରରେ ପୋଲିସ ଏନ୍‌କାଉଣ୍ଟରରେ ସହଯୋଗୀଙ୍କ ସହ ବଟି ଆଦାୟ ପାଇଁ ଯାଉଥିବା ଗୁରୁଚରଣ ସ୍ୱାଇଁ ଆହତ ହୋଇଥିଲେ। ଗୁରୁଚରଣଙ୍କୁ ପୋଲିସ କାବୁ କରିଥିବା ବେଳେ ତାଙ୍କ ସହଯୋଗୀ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବଳିଆପଲ୍ଲୀ ଗ୍ରାମର କାଲୁ ବିଶ୍ୱାଳ ଫେରାର୍ ଥିଲେ। ଗୁରୁବାର ମଧ୍ୟାହ୍ନରେ ଚାରିମଇଲି ସାଇବଗଡ ନିକଟରୁ କାଲୁଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ନିକଟରୁ ଗୋଟିଏ ବୋମା ଓ ୫ ହଜାର ଟଙ୍କା ଜବତ କରାଯାଇଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି ।

୨୦୦୬ରୁ ଆପରାଧିକ କାର୍ଯ୍ୟକଳାପ ଆରମ୍ଭ କରିଥିବା କାଲୁଙ୍କ ବିରୋଧରେ ଆସିକା, ବ୍ରହ୍ମପୁର, ଭଞ୍ଜନଗର, ଜଗନ୍ନାଥପ୍ରସାଦ, ବଡଗଡ, ଗାଙ୍ଗପୁର ଆଦି ଥାନାରେ ହତ୍ୟା, ହତ୍ୟା ଉଦ୍ୟମ, ରାହାଜାନି, ବୋମାମାଡ, ଦାଦାବଟି ଆଦାୟ ଭଳି ସଙ୍ଗୀନ ମାମଲା ରହିଛି। ବଡଗଡ ସନିଆ ବିଷୋୟୀ ହତ୍ୟା ମାମଲାରେ ମଧ୍ୟ କାଲୁ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଥିଲେ। ୨୦୧୮ ଅଗଷ୍ଟ ୯ରେ ଚାରିମଇଲି ନିକଟରେ କାଲୁଙ୍କୁ ପୋଲିସ ଏନକାଉଣ୍ଟର କରି ଗିରଫ କରିଥିଲା । ସେ କିଛି ମାସ ତଳେ ଜେଲରୁ ଜାମିନରେ ମୁକୁଳିଥିଲେ। ହେଲେ ତାଙ୍କ ଆପରାଧିକ କାର୍ଯ୍ୟକଳାପ ଛାଡି ପାରି ନ ଥିଲେ। ସୋମବାର ଗୁରୁଚରଣଙ୍କ ସହ ମିଶି ବାଇକ୍ରୁ ବଟି ଆଦାୟ ପାଇଁ ଯାଉଥିଲେ। ପୋଲିସ ଏହି ସୂଚନା ପାଇଁ ଉଭୟଙ୍କ ପିଛା କରିଥିଲା। ଚାରିମଇଲି ନିକଟରେ ଅପରାଧୀଦ୍ୱୟ ପୋଲିସ ଉପରକୁ ପ୍ରଥମେ ଗୁଳି ଚାଳନା କରିବା ସହ ବୋମା ମାଡ କରିଥିଲେ। ଗୁଳି ଲକ୍ଷ୍ୟଭ୍ରଷ୍ଟ ହୋଇଥିବା ବେଳେ ବୋମା ମାଡରେ ୨ ପୋଲିସ କର୍ମଚାରୀ ଆହତ ହୋଇଥିଲେ । ପୋଲିସ ପାଲଟା ଗୁଳି ଚଳାଇବାରୁ ଅପରାଧୀ ଗୁରୁଚରଣ ଆହତ ହୋଇଥିଲେ। କାଲୁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଏ ନେଇ ଆସିକା ଥାନାରେ ପୋଲିସ ପକ୍ଷରୁ ନଂ.୨୫୩/୧୯ରେ ଏକ ମାମଲା ରୁଜୁ ହୋଇଥିଲା କାଲୁଙ୍କୁ ଗିରଫ ଲାଗି ଉଦ୍ୟମ ଜାରି ରହିଥିଲା। ସନିଆ ବିଷୋୟୀ ହତ୍ୟା ମାମଲା ସହ ବ୍ରହ୍ମପୁରଠାରେ ଏକ ହତ୍ୟା ଘଟଣାରେ ମଧ୍ୟ କାଲୁଙ୍କ ସମ୍ପୃକ୍ତି ଥିବା ଆସିକା ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

# କେଶରପୁର, ମାଟିଆ ସାହିରେ ଟ୍ରାନ୍ସଫର୍ମର ପୋଡ଼ି

ବେଗୁନିଆପଡ଼ା,୮।୮(ଡି.ଏନ.ଏ.)

ବେଗୁନିଆପଡା ବ୍ଲକ ତାଳସର ପଞ୍ଚାୟତ କେଶରପୁର ଗ୍ରାମ ଓ ଏସ୍.ଛଟିନା ପଞ୍ଚାୟତ ମାଟିଆସାହି ଗ୍ରାମରେ ଟ୍ରାନ୍ସଫର୍ମର ପୋଡିବା ଯୋଗୁ ପ୍ରାୟ ୧୦ ଦିନ ହେଲା ଗ୍ରାମଟି ସମ୍ପୂର୍ଣ୍ଣ ଅନ୍ଧକାର ହୋଇ ରହିଛି। ଫଳରେ ଉକ୍ତ ଗ୍ରାମବାସୀଙ୍କ ସମେତ ଛାତ୍ରୀଛାତ୍ର ବିଜୁଳିରୁ ବଞ୍ଚିତ ହୋଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ପାନୀୟ ଜଳ ମଧ୍ୟ ପାଇପାରୁ ନାହାନ୍ତି। ବିଭାଗୀୟ ଯନ୍ତ୍ରୀ ତୁରନ୍ତ ଟ୍ରାନ୍ସଫର୍ମର ବସାଇବାକୁ ପଦକ୍ଷେପ ନିଅନ୍ତୁ ବୋଲି ଗ୍ରାମବାସୀ କହିଛନ୍ତି। ଏ ବିଷୟରେ ବିଭାଗୀୟ ଏସ୍‌ଡିଓ ସୁକାନ୍ତ ଜେଠୀଙ୍କ ସହ ଯୋଗାଯୋଗ କରିବାରୁ କେଶରପୁରରେ କମ୍ ସଂଖ୍ୟକ ଉପଭୋକ୍ତା ରହିଛନ୍ତି । ବିଦ୍ୟୁତ୍ ବିଲ ବାବଦ ୯୪୦୦୦ ଟଙ୍କା ବାକି ରହିଛି । ମାଟିଆ ସାହିରେ ୫୦ ଗ୍ରାହକ ଥିବା ବେଳେ ୧୦ ଲକ୍ଷ ଟଙ୍କାରୁ ଅଧିକ ବାକି ଅଛି। ଏଣୁ ଆମେ କୌଣସି ସହଯୋଗ କରିପାରୁନାହୁଁ। ଯଦି ଗ୍ରାମବାସୀ ଅର୍ଦ୍ଧାଧିକ ବକେୟା ଜମା କରିବେ ଆମେ ଟ୍ରାନ୍ସଫର୍ମର ବସାଇବୁ ବୋଲି ସେ କହିଛନ୍ତି। ଅପରପକ୍ଷରେ ଦୁଇଟି ଟ୍ରାନ୍ସଫର୍ମର ତୁରନ୍ତ ବସାଇବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ସଡ଼କ ନିର୍ମାଣ ପାଇଁ ୩ ଗ୍ରାମବାସୀଙ୍କ ଦାବିପତ୍ର

ପାତ୍ରପୁର,୮।୮(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ତୁରୁବୁଡ଼ିଠାରେ ବାଘଲଟି ଜଳଭଣ୍ଡାର ନିର୍ମାଣ ହେବା ପରଠାରୁ ଆଙ୍କୁଲି ପଞ୍ଚାୟତର ବଣିଆବସା, ବେହେରାପୁଟୁ, ଶିରିଶଗଣ୍ଡ, ମାତ୍ରୁଆଗୁମ୍ମା, ଝରିବାଡ଼, ଏଲଗଲ, ଖଳାସାହି, ଗୁରୁସିଙ୍ଗି ଓ ତୋଳିଆବାଙ୍କ ଗ୍ରାମବାସୀ ସେମାନଙ୍କ ନିତିଦିନିଆ ରାସ୍ତା ହରାଇଲେ । ବାଘଲଟି ଜଳଭଣ୍ଡାର ନିର୍ମାଣ ହେବା ପରେ ଉକ୍ତ ଗ୍ରାମ ଗୁଡ଼ିକୁ ଯାଉଥିବା ରାସ୍ତା ଜଳଭଣ୍ଡାର ମଧ୍ୟରେ ଲୀନ ହେଲା। ଫଳରେ ୧୦ ବର୍ଷ ହେଲା ବଜାର ସଉଦା ଠାରୁ ଆରମ୍ଭ କରି ମେଡିକାଲକୁ ଯିବାକୁ ପୁରୁଣା ଢ଼ଙ୍ଗାରେ ଜଳଭଣ୍ଡାର ମଝି ଦେଇ ତୁରୁବୁଡ଼ି ଆସିବାକୁ ପଡୁଛି। ଜଳଭଣ୍ଡାର ପାରିହେବାବେଳେ ୪ଜଣ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ିଲେଣି। ତଥାପି ପ୍ରଶାସନ ସଡ଼କ ପଥ ନିର୍ମାଣ ପାଇଁ ପଦକ୍ଷେପ ନେଉ ନଥିବା ଆଦିବାସୀମାନେ ଅଭିଯୋଗ କରିଛନ୍ତି। ଏନେଇ ବେହେରାପୁଟୁ, ଝରିବାଡ ଓ ମାତ୍ରୁଆଗୁମ୍ମା ଗ୍ରାମବାସୀ ଗୁରୁବାର ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ପାଇଁ ପାତ୍ରପୁର ବିଡିଓ ଓ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ଜିଲାପାଳ, ଉପ ଜିଲାପାଳ ଓ ବାଘଲଟି ପ୍ରକଳ୍ପ ଅଧୀକାରୀଙ୍କୁ ଡ଼ାକ ମାଧ୍ୟମରେ ଦାବିପତ୍ର ପଠାଇଛନ୍ତି। ପ୍ରକାଶ ଥାଉକି, ଗତ କିଛି ବର୍ଷ ତଳେ ସରକାରଙ୍କ ପକ୍ଷରୁ ଟେଣ୍ଡର କରାଯାଇ ତାଡ଼କାସାହି ଠାରୁ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଥିଲା। ମାତ୍ର ଉକ୍ତ ସଂସ୍ଥା ରାସ୍ତାକାମ ଅଧାରେ ଛାଡି ଚାଲିଯାଇଥିଲା। ରାସ୍ତା କାମ ବନ୍ଦ ହେବା ଦିନଠାରୁ ଆଦିବାସୀମାନେ ବିଭିନ୍ନ ବିଭାଗକୁ ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଗତ ବୁଧବାର ଜଳଭଣ୍ଡାର ଦେଇ ଡ଼ଙ୍ଗାରେ ଗ୍ରାମକୁ ଫେରୁଥିବା ବେଳେ ବେହେରାପୁଟୁର ମଞ୍ଜୁଳା କାର୍ଯ୍ୟୀ, ନରସିଂହ କାର୍ଯ୍ୟୀ, ଦଣ୍ଡପାଣି କାର୍ଯ୍ୟୀ ଓ ପ୍ରଫୁଲ୍ଲ କାର୍ଯ୍ୟୀ ବର୍ଷାପବନରେ ଫସି ଯାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ